**ଶାନ୍ତନୁଙ୍କୁ ସମର୍ପଣ ସେବା ସମ୍ମାନ**

କଣ୍ଟାବାଞ୍ଜି,(ଗୁରୁ ଦୟାଲ ହଂସ):ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମଙ୍ଗଳବାର ବଲାଙ୍ଗୀରଠାରେ ବାର୍ଷିକ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟାବାଞ୍ଜି ସହରର ନୂଆପଡା ବାସିନ୍ଦା ଯୁବ ସାମାଜିକ କର୍ମୀ ଶାନ୍ତନୁ ବିଭାରଙ୍କୁ ସମର୍ପଣ ସେବା ସମ୍ମାନ ୨୦୨୪ରେ ସମ୍ମାନିତ କରାଯାଇଛି। ଅନେକ ସମୟରେ ସେ ଅସହାୟ ପରିବାରଙ୍କୁ ସହାୟତାର ହାତ ବଢାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ପହଞ୍ଚାଥାନ୍ତି। ତାଙ୍କ ସେବା ମନୋବୃତ୍ତି ସବୁବେଳେ ନିଆରା ହୋଇଥିବା ବେଳେ ଏଥିପାଇଁ ସେ ଅନେକ ମଞ୍ଚରେ ସମ୍ବର୍ଦ୍ଧିତ ହୋଇଛନ୍ତି।

# ଏଆଇ ଖୋଲିଦେଲା ୪୦ ମିନିଟ୍‌ର ଗୁମର

ବଲାଙ୍ଗୀର,୩୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)



**ତଣ୍ଡାମୁଣ୍ଡା ଡବଲ ମର୍ଡର ଘଟଣା**

**■ ୮ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ**

ବଲାଙ୍ଗୀର ଜିଲା ପୁଇଁତଲା ଥାନା ତଣ୍ଡାମୁଣ୍ଡା ଜଙ୍ଗଲରେ ସଂଘଟିତ ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶରେ ବଲାଙ୍ଗୀର ପୋଲିସର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଅତ୍ୟାଧୁନିକ ଫେସ୍ ଡିଟେକ୍‌ସନ୍ ଟେକ୍‌ନିକ୍ ବ୍ୟବହାର ଏବେ ଚର୍ଚ୍ଚାରେ ରହିଛି। କୌଣସି ହତ୍ୟା ଘଟଣାରେ ଏଭଳି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଅତ୍ୟାଧୁନିକ ଫେସ୍ ଡିଟେକ୍‌ସନ୍ ଟେକ୍‌ନିକ୍ ବ୍ୟବହାର କରାଯାଇ ହତ୍ୟାକାରୀଙ୍କୁ ରାଜ୍ୟ ବାହାରୁ ଗିରଫ କରିବା ପ୍ରଥମ ଘଟଣା ବୋଲି ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ଶନିବାର ରାତିରେ ବଲାଙ୍ଗୀର ପୋଲିସ ରିଜର୍ଭ ବାରାକ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀଙ୍କ ନେତୃତ୍ୱରେ ବଲାଙ୍ଗୀର ପୋଲିସ ଟିମ୍ ଉପରୋକ୍ତ ବୈଜ୍ଞାନିକ କୌଶଳ ବ୍ୟବହାରକରି ଯେଉଁ ଉଦାହରଣ ସୃଷ୍ଟି କରିଛନ୍ତି, ତାହା ଆଗକୁ ରାଜ୍ୟର ଅନ୍ୟ ପୋଲିସ କର୍ମଚାରୀଙ୍କ ପାଇଁ ଶିକ୍ଷଣୀୟ ହେବ ବୋଲି ସେ କହିଥିଲେ।

ଗତ ୨୪ ତାରିଖ ସକାଳେ ତଣ୍ଡାମୁଣ୍ଡା ଗାଁ ରାସ୍ତାକଡ଼ ପଡ୍ରା ଜଙ୍ଗଲରେ ୨ଜଣ ଅଜଣା ଯୁବତୀ ଓ ଯୁବକଙ୍କ ଗଳାକଟା ମୃତଦେହ ମିଳିଥିଲା। ପୋଲିସ ପାଇଁ ଏହା ଥିଲା ଏକ ବ୍ଲାଇଣ୍ଡ କେସ୍। ମୃତ ୨ଜଣ କିଏ ଏବଂ ସେମାନଙ୍କୁ କିଏ ହତ୍ୟା କଲା ତାହା ନିଶ୍ଚିତ କରିବା ପୋଲିସ ପାଇଁ ଥିଲା ଚାଲେଞ୍ଜପୂର୍ଣ୍ଣ । ବଲାଙ୍ଗୀର ଏସ୍‌ପି ଖିଲାରୀ, ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ପୋଲିସ ପ୍ରଥମେ ବଲାଙ୍ଗୀର ସହରରେ ଲାଗିଥିବା ସିସି ଟିଭି ଫୁଟେଜ୍ ଏବଂ ସାଇବର ଇନ୍‌ପୁଟରୁ ତଥ୍ୟ ହାସଲ କରିଥିଲା। ପୋଲିସ ସିସିଟିଭି ଫୁଟେଜ୍‌ରୁ ଜାଣିବାକୁ ପାଇଥିଲା ଯେ, ଗତ ୨୩ ତାରିଖ ରାତି ପ୍ରାୟ ୧ଟା ୨୦ ମିନିଟ୍ ସମୟରେ ଏକ କାର୍ ମହାଲକ୍ଷ୍ମୀନଗର ଅଞ୍ଚଳରୁ ବାହାରି ଆଟଗାଁ ରାସ୍ତା ପଟକୁ ଯାଇଥିଲା। ଯେଉଁ ଗାଡ଼ିଟି ରାତିରେ ଯାଇଥିଲା ପ୍ରାୟ ୪୦ ମିନିଟ୍ ପରେ ପୁଣି ଥରେ ବଲାଙ୍ଗୀର ପଟକୁ ଫେରିଆସିଥିଲା ଓ ସେଠାରୁ ବୁର୍ଲା ଅଭିମୁଖେ ଯାଇଥିଲା। ଏହି ୪୦ ମିନିଟ୍ ଭିତରେ ଅଭିଯୁକ୍ତମାନେ ସମ୍ପୃକ୍ତ ଯୁବତୀ ଓ ଯୁବକଙ୍କୁ ବଲାଙ୍ଗୀରରୁ ଉଠାଇନେଇ ତଣ୍ଡାମୁଣ୍ଡା ଗାଁ ପାଖ ଜଙ୍ଗଲରେ ତଣ୍ଟି କାଟି ହତ୍ୟା କରିବା ପରେ ସେଠାରୁ ଫେରାର ହୋଇଯାଇଥିଲେ। ଯେଉଁ ଗାଡ଼ିରେ ଯାଇଥିଲେ ସେଇ ଗାଡ଼ି ନମ୍ବରକୁ ଯାଞ୍ଚ କରାଗଲା ପରେ ପୋଲିସ ଗାଡ଼ି ମାଲିକଙ୍କ ବିଷୟରେ ସୂଚନା ହାସଲ କରିଥିଲା। ଅପରିଚିତ ମୃତ ଯୁବତୀ ଓ ଯୁବକଙ୍କ ଫଟୋକୁ ବଲାଙ୍ଗୀର ସହରର ସିସିଟିଭି କଣ୍ଟ୍ରୋଲ ରୁମ୍‌ରେ ଏଆଇ ଏବଂ ଫେସ୍ ଡିଟେକ୍‌ସନ୍ କୌଶଳରେ ଯାଞ୍ଚ କରିବା ପରେ ବଲାଙ୍ଗୀର ସହରରେ କେବେଠୁ ଏବଂ କେଉଁ ସବୁ ସ୍ଥାନରେ ସେମାନେ ବୁଲୁଥିଲେ ଏଆଇ ସ୍ପଷ୍ଟକରି ଦେଇଥିଲା। ପ୍ରାରମ୍ଭିକ ଯାଞ୍ଚ ବେଳେ ବଲାଙ୍ଗୀର ପ୍ରତାପସାଗରପଡ଼ାର ଡବ୍‌ଲୁ ଓରଫ୍ ରାଜେନ୍ଦ୍ର ସେଠ୍‌ଙ୍କ ସହ ମଧ୍ୟ ମୃତ ଯୁବକ ଅନେକ ଥର ବୁଲୁଥିବା ସ୍ପଷ୍ଟ ହୋଇଥିଲା। ସେଠାରୁ ପୋଲିସକୁ ଠୋସ୍ ସୁରାକ୍ ହାସଲ ହୋଇଥିଲା। ବୁର୍ଲାରୁ ପୋଲିସ ଉକ୍ତ କାର୍‌କୁ ଜବତ କରିବା ପରେ ବଲାଙ୍ଗୀରର ରାଜେନ୍ଦ୍ର ସେଠ୍‌ଙ୍କୁ ପଚରାଉଚରା କରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିଲା। ମୃତ ଯୁବକ ମହମ୍ମଦ ଜାଭେଦ୍ (୨୯) ଏବଂ ମୃତ ଯୁବତୀ ପଲକ ମିଶ୍ର (୨୦) ଝାଡ଼ଖଣ୍ଡ ବୋକାରୋ ସହରର ବୋଲି ଚିହ୍ନଟ ହୋଇଥିଲା। ରେଲୱେ ଷ୍ଟେଶନର ସିସି ଟିଭି ଯାଞ୍ଚକରି ପୋଲିସ ୨୩ ତାରିଖ ରାତିରେ ବଲାଙ୍ଗୀର ରେଳଷ୍ଟେଶନରେ ଓହ୍ଲାଇଥିବା ୩ ଜଣ ଯୁବକଙ୍କୁ ଚିହ୍ନଟକରି ସେମାନଙ୍କ ତଥ୍ୟ ହାସଲ କରିଥିଲା। ଏହାପରେ ଫୋନ୍ କଲ୍ ରେକର୍ଡରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲକରି ହତ୍ୟାକାରୀ ଓ ହତ୍ୟାର କାରଣ ପୋଲିସକୁ ଅତି କମ୍ ସମୟ ମଧ୍ୟରେ ମିଳିଯାଇଥିଲା। କାଳ ବିଳମ୍ବ ନ କରି ପୋଲିସର ୫ଟି ଟିମ୍ ମଧ୍ୟରୁ ଦୁଇଟି ଟିମ୍ ଝାଡ଼ଖଣ୍ଡ ଗସ୍ତ କରିଥିଲେ। ସେଠାରେ ରାଞ୍ଚି ଓ ବିହାର ହଜାରିବାଗ ଥାନା ପୋଲିସ ସହାୟତାରେ ହତ୍ୟା ଘଟଣାର ୪ ଦିନ ଭିତରେ ପୋଲିସ ସମସ୍ତ ୮ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଗିରଫ ୮ ଅଭିଯୁକ୍ତ ହେଲେ ବୋକାରୋ ସହରର ଆଶୁତୋଷ ଗୌତମ ଓରଫ୍ ବବ୍‌ଲୁ କିଲ୍ଲୋ (୪୮), ଚନ୍ଦନ କୁମାର (୩୬), କୌଶଲ କୁମାର ଓରଫ୍ କୌଶଲ ବିହାରୀ (୨୯), ବିହାର ପ୍ରଦେଶ ଔରଙ୍ଗାବାଦ୍ ସହରର ବାଦଲ କୁମାର (୨୦), ପପୁ ଓରଫ୍ ରାଜୀବ ଗୌତମ (୪୩), ଦେବା ଓରଫ୍ ବିଶାଳ କୁମାର (୨୩) ଏବଂ ବଲାଙ୍ଗୀର ସହର ପ୍ରତାପ ସାଗରପଡ଼ାର ଡବ୍‌ଲୁ ଓରଫ୍ ରାଜେନ୍ଦ୍ର ସେଠ୍ (୩୧) । ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର ରାତିରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜିଲା କାରାଗାରକୁ ପଠାଇ ଦିଆଯାଇଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com



@ ଦେବାଶିଷ



@ ରତ୍ନାକର



@ ସୌମ୍ୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

ବଲାଙ୍ଗୀର,୩୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୋକ୍‌ସୋ କୋର୍ଟରେ ବିଚାରଧୀନ ଏକ ମାମଲାରେ ଜଣେ ନାବାଳିକା ବଳାତ୍କାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ପୋକ୍‌ସୋ ବିଚାରପତି ଗୋପବନ୍ଧୁ ଗଡ଼ନାୟକ ବୁଧବାର ୧୦ ବର୍ଷ ଜେଲ ଓ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ ଡିସେମ୍ବର ୧୩ ତାରିଖରେ ୧୫ବର୍ଷର ଜଣେ ନାବାଳିକା ଶୌଚ ହେବାକୁ ଯାଇଥିବା ବେଳେ ଅଭିଯୁକ୍ତ ପାଟଣାଗଡ଼ ଥାନା ଅଞ୍ଚଳର ମଣିଧରୁଆ ତାଙ୍କୁ ସେଠାରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣର ସଚିବଙ୍କୁ ବିଚାରପତି ଗଡନାୟକ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ସରକାରୀ ଓକିଲ ପ୍ରିୟରଞ୍ଜନ ବହିଦାର ପରିଚାଳନା କରିଥିଲେ।

### ଗଞ୍ଜେଇ ସହ ବାଇକ୍ ଜବତ

ଦେଓଗାଁ,୩୦।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ ନଂ ଜାତୀୟ ରାଜପଥରେ ସ୍ଥାନୀୟ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ବାଇକ୍ ଆରୋହୀଙ୍କ ଠାରୁ ୫ କେଜି ଗଞ୍ଜେଇ ଜବତ କରିଛି । ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା କଣ୍ଟାମାଳର ମହାଦେବ ମଲ୍ଲିକ । ପୋଲିସ ଗଞ୍ଜେଇ ଚାଲାଣରେ ବ୍ୟବହୃତ ବାଇକ୍‌କୁ ଜବତ କରି ଥାନାରେ ଏକ ମାମଲା ରୁଜୁ କରିଛି। ଗିରଫ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ସୂଚନାନୁସାରେ, ଡୁଙ୍ଗୁରା ପଟରୁ ମହାଦେବ ଏକ ଲାଲ ରଙ୍ଗର ସିଡି ଡିଲକ୍ସ ବାଇକ୍ (ନଂ ଓଡି୨୭ବି ୭୫୨୮)ରେ ଦେଓଗାଁ ପଟକୁ ଆସୁଥିବା ବେଳେ ସ୍ଥାନୀୟ ପୋଲିସ ସନ୍ଦେହ କରି ରାଜପଥ ଉପରେ ଅଟକାଇ ଛାନଭିନ କରିଥିଲା। ଯାଞ୍ଚ ସମୟରେ ଗାଡି ଡିକିରୁ ୫ କେଜି ଗଞ୍ଜେଇ ଜବତ ହୋଇଥିଲା।

### ବିଜେଡିର ନୂତନ ସଦସ୍ୟତା ଅଭିଯାନ ସମାରୋହ

ପାଟଣାଗଡ଼,୩୦।୧୦(ସଚ୍ଚିଦାନନ୍ଦ ମହାକୁଡ଼)

ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ନିର୍ବାଚନମଣ୍ଡଳୀ ରେ ଦଳ ପାଇଁ ନୂତନ ସଦସ୍ୟତା ଅଭିଯାନ ସମାରୋହ କାର୍ଯ୍ୟକ୍ରମ ଚାଲିଛି। ଏହି ପରିପ୍ରେକ୍ଷୀରେ ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟଠାରେ ପୂର୍ବତନ ବିଧାୟକ ସରୋଜ କୁମାର ମେହେରଙ୍କ ନେତୃତ୍ୱରେ ବିଜେଡ଼ିର ନୂତନ ସଦସ୍ୟତା ଅଭିଯାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଉପସ୍ଥିତ ସକ୍ରିୟ କର୍ମକର୍ତ୍ତାଙ୍କୁ ମେହେର ନିଜ ଅଞ୍ଚଳରେ ବିଜେଡିର ନୂତନ ସଦସ୍ୟତା ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ପାଟଣାଗଡ ବ୍ଲକ ଅଧ୍ୟକ୍ଷ ନିଳକାନ୍ତ ବାଗ, ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ଦଳର ସକ୍ରିୟ ସଦସ୍ୟ ଜୟନ୍ତ କୁମାର, ଇନ୍ଦୁ ଭୂଷଣ ଠାକୁର,ଶ୍ରୀବସ୍ତ ମହାକୁଡ଼, ଜନାର୍ଦ୍ଦନ ସାହୁ, ବିପ୍ରଚରଣ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

## ପଣ୍ଡିତ ଟିକେଶ୍ୱର ଗୁରୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ଅତିଥିମାନେ ସ୍ୱର୍ଗତ ଟିକେଶ୍ୱର ଗୁରୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

ବଲାଙ୍ଗୀର,୩୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଗାନ୍ଧୀନଗରପଡା ଠାରେ ସଂସ୍କୃତ ଏବଂ ଜ୍ୟୋତିଷ ବିଶାରଦ ସ୍ୱର୍ଗତ ଟିକେଶ୍ୱର ଗୁରୁଙ୍କ ବୁଧବାର ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ସ୍ୱାମୀ ସତ୍ୟ ବେଦାନନ୍ଦ, ବଲିଉଡ୍ ଷ୍ଟାର ତଥା ଲୋକପ୍ରିୟ ଟିଭି ସିରିଏଲ ମହାଭାରତରେ ଦୁର୍ଯ୍ୟୋଧନ ଭୂମିକାରେ ଅଭିନୟ କରିଥିବା ପୁନିତ ଇସ୍‌ସର, ପୌରାଧ୍ୟକ୍ଷା ଲିକା ସାହୁ, ଆରଏସ୍‌ଏସ୍ ପ୍ରଚାରକ ଅରୁଣ ପଣ୍ଡା, ଜେଆଇଟିଏମ୍ କଲେଜ ନିର୍ଦ୍ଦେଶକ ପ୍ରଦୀପ କୁମାର ଷଡଙ୍ଗୀ, ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ ଓ ସ୍ଥପତି ଅନ୍ତର୍ଯାମୀ ମେହେର ଯୋଗଦାନ କରିଥିଲେ। ପ୍ରତିମୂର୍ତ୍ତି ଉନ୍ମୋଚନ କରି ଅତିଥିମାନେ ସ୍ୱର୍ଗତ ଗୁରୁଙ୍କ ସମାଜସେବା ଏବଂ ଶିକ୍ଷାର ଉନ୍ନତି ଦିଗରେ କରିଯାଇଥିବା କାମ ସ୍ମରଣ କରିଥିଲେ। ଟିଭି ଅଭିନେତା ପୁନିତ ଇସ୍‌ସର ମହାଭାରତ ସିରିଏଲର ଚର୍ଚ୍ଚିତ ଡାଏଲଗ କହିଥିଲେ। କାର୍ଯ୍ୟକ୍ରମକୁ ଘଣ୍ଟେଶ୍ୱର ଗୁରୁ ପରିଚାଳନା କରିଥିଲେ। ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଯୁବଶିଳ୍ପୀ ଅଭିଲାଷ ମେହେର ନିର୍ମାଣ କରିଛନ୍ତି। ଶେଷରେ ହିମାଂଶୁ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଆରମ୍ଭ

ଟିଟିଲାଗଡ,୩୦।୧୦(ଶରତ ମିଶ୍ର)

ଆସନ୍ତା ଜାନୁୟାରୀ ୬ ତାରିଖରେ ପୂର୍ଣ୍ଣାଙ୍ଗ ଭୋଟର ତାଲିକା ପ୍ରକାଶିତ ହେବ। ଏଥିନିମନ୍ତେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ନୂତନ, ତ୍ରୁଟିଶୂନ୍ୟ ଚୂଡାନ୍ତ ଭୋଟର ତାଲିକା ପ୍ରସ୍ତୁତି କରାଯିବ। ସେଥିପାଇଁ ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ଏବଂ ସଚେତନତା ସୃଷ୍ଟି ପାଇଁ ଉପଖଣ୍ଡ ଟିଟିଲାଗଡଠାରେ ବୁଧବାର ପଥ ଉତ୍ସବ ଓ ୱାକାଥନ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଥ ଉତ୍ସବ ଓ ୱାକାଥନ କାର୍ଯ୍ୟକ୍ରମ ଟିଟିଲାଗଡ ସହରର ଗୋପବନ୍ଧୁ ଉଦ୍ୟାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଟିଟିଲାଗଡ ଉପଜିଲାପାଳ ରେହାନ ଖେତ୍ରିଙ୍କ ନେତୃତ୍ୱରେ ସହରର ଡିଏଭି ମହାବିଦ୍ୟାଳୟ ପରିସରଠାରୁ ଗୋପବନ୍ଧୁ ଉଦ୍ୟାନ ପର୍ଯ୍ୟନ୍ତ ଏକ ପଦଯାତ୍ରା ହୋଇଥିଲା । ଉପଜିଲ୍ଲାପାଳ ଖେତ୍ରି ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଗୋପବନ୍ଧୁ ଉଦ୍ୟାନ ନିକଟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ରେହାନ ଖେତ୍ରି, ମୁଖ୍ୟବକ୍ତା ଭାବେ ଛାୟାକାନ୍ତ ଷଡଙ୍ଗୀ, ଅତିଥି ଭାବେ ଟିଟିଲାଗଡ ଡେପୁଟି କଲେକ୍ଟର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁଡଭେଲା ଓ ସଇଁତଲା ତହସିଲଦାର, ଟିଟିଲାଗଡ ଡିଏଭି ମହାବିଦ୍ୟାଳୟ ଅଧ୍ୟକ୍ଷ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ନୂତନ ଭୋଟର, ସହରର ବୁଦ୍ଧିଜୀବୀ, ବହୁ ପଦାଧିକାରୀ ଓ ବିଭିନ୍ନ ସାଂସ୍କୃତିକ ଦଳ ଯୋଗଦେଇଥିଲେ। ଟିଟିଲାଗଡ ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ଦିପ ଚନ୍ଦ୍ରକାର ସ୍ୱାଗତ ଅଭିଭାଷଣ ଦେଇଥିଲେ। ମଞ୍ଚ ପରିଚାଳନା ଉମେଶ ଦାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଯୋଗାଣ ଅଧିକାରୀ ସଂକର୍ଷଣ ଭୁଏ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,୩୦।୧୦(ସୁଶାନ୍ତ ବାରିକ)




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ନିଶା ନିବାରଣ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ବ୍ଲକ ସଭାଗୃହରେ ବୁଧବାର ନିଶାମୁକ୍ତ ଭାରତ ଅଭିଯାନ ଜନସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭିଜିଲାନ୍ସ ଡିଏସପି ପୁଲସ୍ତି ଛତ୍ରିଆ , ବ୍ଲକ ଷ୍ଟାଫ୍ ଓ ଜନସାଧାରଣ ଉପସ୍ଥିତ ଥିଲେ । ଜିଲା ନିଶା ନିବାରଣ କେନ୍ଦ୍ରର ମ୍ୟାନେଜର ରଶ୍ମିରଞ୍ଜନ ପରିଡା, ଓଆରଡବ୍ଲୁ ସର୍ବେଶ୍ୱର ପ୍ରଧାନ, ପରାମର୍ଶଦାତା ସୋମନାଥ ସାହୁ, କୃପାସିନ୍ଧୁ ଜଗଦଳା ଯୋଗ ଦେଇଥିଲେ। ନିଶା ମାୟାଜାଲରେ ଯୁବପିଢି ଠାରୁ ଆରମ୍ଭ କରି ସବୁ ବର୍ଗର ଲୋକେ ପଡି ଯାଉଛନ୍ତି। ଏହାଦ୍ୱାରା ନିଜର କ୍ଷତି ହେବା ସହ ପରିବାର ଓ ସମାଜର କ୍ଷତି ହେଉଛି। ଏଥିପାଇଁ ଲୋକେ ସର୍ବସ୍ୱାନ୍ତ ହୋଇ ପଡୁଛନ୍ତି। ଏଣୁ ବେଳ ଥାଉ ଥାଉ ଲୋକେ ଏଥିପ୍ରତି ସଚେତନ ହେବା ଜରୁରୀ ହୋଇପଡିଛି । ଯେଉଁମାନେ ନିଶା ତଥା ମାଦକ ଦ୍ରବ୍ୟରୁ ଦୂରରେ ରହିବାକୁ ଚାହୁଁଛନ୍ତି, ସେମାନେ ଜିଲା ନିଶା ନିବାରଣ କେନ୍ଦ୍ରର ସହାୟତା ନେଇପାରିବେ ବୋଲି ଉପସ୍ଥିତ ଜିଲା ନିଶା ନିବାରଣ କେନ୍ଦ୍ରର କର୍ମଚାରୀ ଆହ୍ୱାନ ଜଣାଇଥିଲେ। ଏହାଛଡା ଉକ୍ତ କେନ୍ଦ୍ରରେ ଦିଆଯାଉଥିବା ସୁବିଧା ଓ ଉପକାରିତା ସମ୍ପର୍କରେ ଆଲୋକପାତ କରାଯାଇଥିଲା।

## କୃଷି ବିଭାଗରେ ଫସଲ ଜଳ ଆକଳନ ତାଲିମ ଶିବିର

ଗୁଡଭେଲା,୩୦।୧୦(ମନୋଜ ଜୈନ)

ମଙ୍ଗଳବାର ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତଥା ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) ସଂସ୍ଥା ପକ୍ଷରୁ କୃଷକମାନଙ୍କ ନିମନ୍ତେ ଫସଲ ଜଳ ଆକଳନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରୀତିଶ ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ସହକାରୀ ଜିଲା କୃଷି ଅଧିକାରୀ ପ୍ରମୋଦ କୁମାର ବଡପଣ୍ଡା, ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ସ୍ୱସ୍ତିକ କୁମାର ପଣ୍ଡା, ଏଫଇଏସର ଜିଲା ସଂଯୋଜକ ସୁଜିତ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ଫସଲ ଜଳ ଆକଳନ ନିତାନ୍ତ ଜରୁରୀ ବୋଲି ମତପ୍ରକାଶ କରିଥିଲେ । ଏଥିସହ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ ଗଚ୍ଛିତ ଜଳ ଅନୁସାରେ ଫସଲ ଚୟନ କରିବା ଚାଷୀମାନଙ୍କ ନିମନ୍ତେ ଜରୁରୀ ବୋଲି ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଜୈବିକ ପଦ୍ଧତିରେ ଚାଷ ପାଇଁ ସମସ୍ତ ଚାଷୀ ସଚେତନ ହେବା ଜରୁରୀ ବୋଲି ସହକାରୀ ଜିଲା କୃଷି ଅଧିକାରୀ ବଡପଣ୍ଡା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଶିକ୍ଷକ ଭାବେ ସ୍ଥାନୀୟ ବ୍ଲକ ଏଫଇଏସର ମାଷ୍ଟର ଟ୍ରେନର ଭାଗବତ ନାହାକ ଓ ଦେଓଗାଁ ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଫସଲ ଜଳ ଆକଳନ ଉପରେ ଜଳ ଖେଳ ପ୍ରଦର୍ଶିତ କରିବା ସହ ସିଡବ୍ଲୁବି ଆପ୍ ଉପରେ ଉପସ୍ଥିତ ସମସ୍ତ ପଞ୍ଚାୟତରୁ ଆସିଥିବା କୃଷକ ସାଥୀ , ଏମବିକେ, ସିଆରପି ତଥା ଭିଏଡବ୍ଲ୍ୟୁମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶେଷରେ ଏଫଇଏସର ସ୍ଥାନୀୟ ମାଷ୍ଟର ଟ୍ରେନର ନାହାକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦେଓଗାଁରେ ନୂତନ ବିଡିଓଙ୍କ ଯୋଗଦାନ

ଦେଓଗାଁ,୩୦।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ବୁଧବାର ନୂତନ ଭାବେ ପ୍ରିୟ ରଞ୍ଜନ କୁମାର ବିଡିଓ ଭାବେ ଯୋଗଦାନ କରିଛନ୍ତି। ପୂର୍ବରୁ ସେ ନୂଆପଡା ଜିଲା ବୋଡେନ ବ୍ଲକରେ ବିଡିଓ ଭାବେ କାର୍ଯ୍ୟରତ ଥିଲେ। ସେ ଦେଓଗାଁ ବ୍ଲକରେ ବିଡିଓ ଭାବେ ଯୋଗଦେବା ପରେ ଅଞ୍ଚଳର ଲୋକଙ୍କ ସମସ୍ୟା ସମାଧାନ ପ୍ରାଥମିକତା ହେବ ବୋଲି ସୂଚନା ଦେଇଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା ସଭା

ଲୋଇସିଂହା,୩୦।୧୦(ସୁଶାନ୍ତ ବାରିକ)

ବୁଧବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଏକ ସଚେତନତା ସଭା ଭିଜିଲାନ୍ସ ଡିଏସପି ପୁଲସ୍ତି ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଆକାଉଣ୍ଟ ଅଫିସର ବୃନ୍ଦାବନ ଭୋଇ, ଏବିଡିଓ ରାଜେନ୍ଦ୍ର ବାବୁ,ଜିପିଓ କିଶୋରମାନ ସିଂ, ଜନପ୍ରତିନିଧି, ପିଇଓ, ସିଆରପି ଓ ଜନସାଧାରଣ ଉପସ୍ଥିତ ଥିଲେ। ସରକାରୀ ସୁବିଧା ପାଇବା ହେଉଛି ଜନସାଧାରଣଙ୍କ ମୌଳିକ ଅଧିକାର। ସରକାରୀ ସୁବିଧା ହାସଲ ପାଇଁ ଲାଞ୍ଚ ଦେବା ଏବଂ ଲାଞ୍ଚ ନେବା ହେଉଛି ଅପରାଧ। ଏଥିପ୍ରତି ଜନସାଧାରଣ ଏବଂ ସରକାରୀ କର୍ମଚାରୀ ସଚେତନ ହେବା ଆବଶ୍ୟକ। କର୍ମଚାରୀ କର୍ମକ୍ଷେତ୍ରରେ ସାଧୁତା ଏବଂ ସଚ୍ଚୋଟତା ବଜାୟ ରଖିବାକୁ ଭିଜିଲାନ୍ସ ଡିଏସପି ଛତ୍ରିଆ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ସରକାରୀ କାମ ପାଇଁ ଲାଞ୍ଚ ଦେବା ନାହିଁ କି ନେବା ନାହିଁ କହି ସାମୁହିକ ଭାବେ ଶପଥ ପାଠ କରାଇଥିଲେ । ଭିଜିଲାନ୍ସ ଆରକ୍ଷୀ ନିରୀକ୍ଷକ ଟେରେସା ଖେସ ଓ ସହକର୍ମୀ ଉପସ୍ଥିତ ଥିଲେ ।

## ୮ ଦାଦନ ଶ୍ରମିକ ସହ ୪ ଶିଶୁ ଉଦ୍ଧାର

ଲାଠୋର,୩୦।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ପୋଲିସ ମଙ୍ଗଳବାର ରାତିରେ ସ୍ଥାନୀୟ କଲେଜ ଛକଠାରେ ଚଢାଉ କରି ୮ ଜଣ ଦାଦନ ଶ୍ରମିକ ଓ ୪ ଜଣ ଶିଶୁଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ଦଲାଲ ଦୁର୍ଯ୍ୟୋଧନ ପୁଞ୍ଜିଙ୍କୁ ଗିରଫ କରାଯାଇ ବୁଧବାର ପାଟଣାଗଡ଼ କୋର୍ଟ ଚାଲାଣ କରାଯାଇଛି। ତେବେ ମୁଖ୍ୟ ଦଲାଲ ଜଣକ ଫେରାର ହୋଇଯାଇଥିବା ଖବର ମିଳିଛି। ଶ୍ରମିକ ଚାଲାଣରେ ବ୍ୟବହୃତ ଏକ କାର୍ ଏବଂ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି ।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଖପ୍ରାଖୋଲ ଥାନା ଅଧୀନ କପସିପାଲି ଗ୍ରାମର ଧ୍ରୁବଲେଶ୍ୱର ପୁଞ୍ଜି ନାମକ ଜଣେ ଦଲାଲ ତାଙ୍କ ମାରୁତି ସୁଜୁକି ଆର୍ଟିଗା କାର୍ (ନଂ ଓଡ଼ି-୦୩-ଜେଡ଼-୩୪୬୨) ଯୋଗେ ଖପ୍ରାଖୋଲ ଏବଂ ଲାଠୋର ଗ୍ରାମର ୮ ଜଣ ମହିଳା ପୁରୁଷ ଏବଂ ସେମାନଙ୍କ ସହ ଥିବା ୪ ଜଣ ଶିଶୁଙ୍କୁ ଆଣୁଥିଲେ। ସେମାନଙ୍କୁ ବେଆଇନ ଭାବେ ରାଜ୍ୟ ବାହାରକୁ ଟ୍ରେନ ଯୋଗ ଚାଲାଣ କରିବାକୁ ଆଣୁଥିଲେ ବୋଲି ପୋଲିସ କୌଣସି ସୂତ୍ରରୁ ଖବର ପାଇ ଉକ୍ତ କାର୍‌କୁ ଲାଠୋର କଲେଜ ଛକଠାରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ କୌଣସି କାଗଜ ପତ୍ର ଦେଖାଇ ନ ପାରିବାରୁ ଶ୍ରମିକମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ଛାଡ଼ି ଦିଆଯାଇଥିଲା। ଏଥିରେ ସଂପୃକ୍ତ ମୁଖ୍ୟ ଦଲାଲ ଧ୍ରୁବଲେଶ୍ୱର ଫେରାର ହୋଇ ଯାଇଛନ୍ତି । ତାଙ୍କ ବିରୋଧରେ ଲାଠୋର ଥାନାରେ ନଂ ୨୩୬/୨୪ ଅଣ୍ଡର ସେକ୍ସନ ୧୪୩/୧୪୬/୩୧୮(୪)/୩(୫) ବିଏନଏସ/ଆରଡ଼ବ୍ଲୁ ସେକ୍ସନ ୨୫ ଆଇଏସଏମଡ଼ବ୍ଲୁରେ ଏକ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ଅନ୍ୟତମ ଦଲାଲ ଦୁର୍ଯ୍ୟୋଧନଙ୍କୁ ପାଟଣାଗଡ଼ କୋର୍ଟ ଚାଲାଣ କରାଯାଇଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରାକେଶ ବେହେରା କହିଛନ୍ତି।




ଦୁର୍ଯ୍ୟୋଧନ ପୁଞ୍ଜିଙ୍କୁ ପାଟଣାଗଡ଼ କୋର୍ଟ ଚାଲାଣ କରାଯାଉଛି।



ବରଗଡ଼ରେ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା।

# ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା

**ବରଗଡ, ୩୦।୧୦(ପ୍ରେମାନନ୍ଦ ଖମାରୀ)**

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ପାଳନ ଅବସରରେ ବରଗଡ଼ ଜିଲା ପ୍ରଶାସନ ଏବଂ ଦୁର୍ନୀତି ନିବାରଣ ବିଭାଗର ମିଳିତ ଉଦ୍ୟମରେ ଜିଲା, ବ୍ଲକ, ପଞ୍ଚାୟତ ଏବଂ ଗ୍ରାମାଞ୍ଚଳସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଜିଲା ସଦର ମହକୁମା ଠାରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଲିର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା, ଉଦ୍ୟାନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଗୋବିନ୍ଦଚନ୍ଦ୍ର ପଣ୍ଡା, ଡିଏସ୍‌ଡବ୍ଲ୍ୟୁଓ ଶ୍ରୀମତୀ ସନ୍ଧ୍ୟାରାଣୀ ନେପାକଙ୍କ ସମେତ ବରଗଡ ଦୁର୍ନୀତି ନିବାରଣ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଚେତନତା ରାଲିରେ ଛାତ୍ରୀଛାତ୍ର ଏବଂ ମହିଳାମାନେ ସମାଜରେ ଉତ୍କୋଚର କୁପ୍ରଭାବ ବିଷୟବସ୍ତୁ ଆଧାରିତ ବିଭିନ୍ନ ସ୍ଲୋଗାନ ସହ ଉକ୍ତ ବର୍ଷର ଥିମ 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି' ମୂଳମନ୍ତ୍ରରେ ଦୀକ୍ଷିତ ହେବା ପାଇଁ ଲୋକଙ୍କୁ ସଚେତନ କରିଥିଲେ। ସୂଚନାଯୋଗ୍ୟ, ବରଗଡ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପକ୍ଷରୁ ଆଗାମୀ ୧ତାରିଖ ପୂର୍ବାହ୍ନ ୧୦ଟାରେ ଅତାବିରା ବ୍ଲକ କୁଲୁଣ୍ଡା ଗ୍ରାମପଞ୍ଚାୟତରେ ଏବଂ ୧୨ଟାରେ ଭେଡେନ ବ୍ଲକ ଅନ୍ତର୍ଗତ ଥୁଆପାଲି ଗ୍ରାମ ପଞ୍ଚାୟତଠାରେ ଲୋକଙ୍କୁ ସଚେତନ କରିବା ପାଇଁ ଗ୍ରାମସଭା ଆୟୋଜନ କରାଯିବ। ୨ତାରିଖରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ଉଦ୍‌ଯାପନୀ ସମାରୋହ ଆୟୋଜିତ ହେବ।

## ବସ୍ ମଧ୍ୟରେ ଡ୍ରାଇଭରଙ୍କ ଅସ୍ୱାଭାବିକ ମୃତ୍ୟୁ ମୃତଦେହ ଜବତ

**ବାଉଁଶୁଣୀ, ୩୦।୧୦(ଦେବାଶିଷ ନେପାକ)**

ବୌଦ୍ଧ ଜିଲାର ବାଉଁଶୁଣୀ ନିକଟରେ ବସ୍ ଭିତରେ ଶୋଇଥିବା ଜଣେ ଡ୍ରାଇଭରଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗନ୍ନାଥ ସେଠୀ (୪୫)। ତାଙ୍କ ଘର ସୋନପୁର ଜିଲା ବିନିକା ଥାନା ମନଗାଁ ଗ୍ରାମରେ ବୋଲି ଜଣାଯାଇଛି। ମୃତ୍ୟୁର କାରଣ ଜଣାପଡିନାହିଁ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ବାଉଁଶୁଣୀଠାରୁ ସମ୍ବଲପୁର ଅଭିମୁଖେ ଯାଉଥିବା ଘରୋଇ ଯାତ୍ରୀବାହୀ ବସ୍ ମାହେଶ୍ୱରୀ ରାତିରେ ବାଉଁଶୁଣୀ ମହାରାଜା ଢାବା ନିକଟରେ ରହିଥାଏ। ଏହି ବସ୍ ପ୍ରତିଦିନ ସକାଳ ସାଢେ ୫ଟାରେ ବାଉଁଶୁଣୀରୁ ସମ୍ବଲପୁରକୁ ବାହାରିଥାଏ। ମଙ୍ଗଳବାର ରାତିରେ ଏହି ବସ୍ ଭିତରେ ଶୋଇଥିବା କଣ୍ଡକ୍ଟର ଓ ହେଲପର ବୁଧବାର ସକାଳେ ଉଠି ବସ୍‌କୁ ବସଷ୍ଟାଣ୍ଡ ନେବା ପାଇଁ ଡ୍ରାଇଭରଙ୍କୁ ଉଠାଇବାକୁ ଗଲାବେଳେ ସେ ନିଶ୍ଚଳ ହୋଇ ଶୋଇଥିବା ଦେଖିଥିଲେ। ଏହାପରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବାଉଁଶୁଣୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ଜଗନ୍ନାଥଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଉଁଶୁଣୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଦେବାଶିଷ


@ ରତ୍ନାକର


@ ସୌମ୍ୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସାର୍ବଜନୀନ କାଳୀପୂଜା କଳସ ଯାତ୍ରା

**ପାଇକମାଳ,୩୦।୧୦ (ବଡ ଶତପଥି):** ବରଗଡ ଜିଲା ପାଇକମାଳ ବ୍ଲକ ଜାମସେଠରେ ସାର୍ବଜନୀନ କାଳୀପୂଜା ପାଇଁ ବୁଧବାର କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗାଁର ପୁରୁଷ, ମହିଳା ଓ ଯୁବକମାନେ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଅଙ୍ଗ ନଦୀରେ ପୂଜାର୍ଚ୍ଚନା କରି ପୂର୍ଣ୍ଣ କଳସ ଜଳ ଆଣି ପୂଜା ପୀଠରେ ସ୍ଥାପନ କରିଥିଲେ। ଚଳିତବର୍ଷ କର୍ତ୍ତା ଭାବରେ ଚନ୍ଦ୍ରଭାନୁ ସାହୁ ଓ ଧର୍ମପତ୍ନୀ ଅନିତା ସାହୁ ପୂଜାରେ ବସିବେ। ଗୁରୁବାରଠାରୁ ପୂଜା ଆରମ୍ଭ ହୋଇ ୨ ତାରିଖ ପୂଜା ସମ୍ପନ୍ନ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨ ତାରିଖ ଶନିବାର ଅପରାହ୍ନ ୪ଟାରୁ ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସ୍ଥିର ହୋଇଛି। ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ କ୍ରିକେଟ: ସେମିରେ ଭୁବନେଶ୍ୱର


ତୃତୀୟ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ଓ ଟୋପ ମଧ୍ୟରେ ମ୍ୟାଚ ଚାଲିଛି।

**ସରଣ୍ଡା, ୩୦।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ହାଇସ୍କୁଲ ଖେଳ ପଡିଆଠାରେ ଚାଲିଥିବା ପଞ୍ଚମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ବୁଧବାର ତୃତୀୟ ଦିବସରେ ଖେଳରେ ଭୁବନେଶ୍ୱର ସେମିଫାଇନାଲକୁ ଉନ୍ନୀତ ହୋଇଛି। ବୁଧବାର ଅନୁଷ୍ଠିତ ତୃତୀୟ ଦିନର ପ୍ରଥମ ମ୍ୟାଚ ଟୋପ ଓ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟୋପ ଦଳ ୫ ଉଇକେଟରେ ଜିତିଥିବା ବେଳେ ଅମନ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଗୋଲକୁଣ୍ଡା ଏବଂ ୟୁନିଟ୍ ୯ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇ ଭୁବନେଶ୍ୱର ୭ ଉଇକେଟରେ ବିଜୟୀ ହୋଇଥିଲା। ଦଳର ଲୁଲୁ ସ୍ୱାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ତୃତୀୟ କ୍ୱାଟର ଫାଇନାଲ୍ ଭୁବନେଶ୍ୱର ଏବଂ ଟୋପ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଦଳ ଟୋପକୁ ଧରାଶାୟୀ କରି ୫୬ ରନ୍‌ରେ ଜିତି ତୃତୀୟ ଦଳ ଭାବେ ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା। ଦଳର କିରଣ ଖାନ୍‌ଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁବାର ପ୍ରତିଯୋଗିତାର ଚତୁର୍ଥ ଦିବସରେ ସମ୍ବଲପୁର ଗୋଡ଼ଭଗା ଦଳ ସହ ପ୍ରଥମ ମ୍ୟାଚ ହେବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ ବଲାଙ୍ଗୀରର ତୁଷରା ଦଳ ତାଳଚେର ସହ ସାମ୍ନାସାମ୍ନି ହେବ। ଉଭୟ ମ୍ୟାଚର ବିଜୟୀ ଦଳ ଶେଷ ତଥା ଚତୁର୍ଥ କ୍ୱାଟର ଫାଇନାଲରେ ଖେଳିବେ। ବୁଧବାର ଅମ୍ପାୟାର ଭାବେ ମନୋହର ବାଗ, ବିକାଶ ବାରିକ, ଅବିନାଶ ପ୍ରଧାନ ଏବଂ ସିଧାସଳଖ ୟୁଟ୍ୟୁବ ଲାଇଫ ସୁରଥ ଦାଶଙ୍କ ସହ ରିଙ୍କୁ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଅତାବିରା ରୟାଲ ଷ୍ଟ୍ରାଇକର ପରିଚାଳନା କମିଟି ସଦସ୍ୟ ଧୀରଜ ସୁନା, ଟିଙ୍କୁ ପଧାନ, ପ୍ରକାଶ ନାୟକ, ପ୍ରଭାକର, ଆଗ୍ନେସ ନାୟକ, ଉମେଶ ବାବୁ, ଜୟ ବାରିକ, ବିନୟ ପଧାନ, ଦୀନବନ୍ଧୁ ସାହୁ, ଟିଙ୍କୁ ସାହୁ, ବଣ୍ଟି ପଧାନ, ଚିନା ବାବୁ, ଗୌରୀ ବାବୁ, ସଞ୍ଜୟ ବାବୁ, ଜିତୁ ବାବୁ, ପ୍ରେମା ବେହେରା, ଆଶିଷ ବାବୁ, କିରଣ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ୨ଠା ଭୋଟର ତାଲିକା ପ୍ରକାଶ

**ବୌଦ୍ଧ,୩୦।୧୦ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାର ୨ଠା ଭୋଟର ତାଲିକା ମଙ୍ଗଳବାର ଦିନ ପ୍ରକାଶ ପାଇଛି। ଜିଲାପାଳ ତଥା ଜିଲାନିର୍ବାଚନ ଅଧିକାରୀ ସୁବ୍ରତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତଥା କଣ୍ଟାମାଳ ନିର୍ବାଚନମଣ୍ଡଳୀର ପଞ୍ଜୀକରଣ ଅଧିକାରୀ ଅନିରୁଦ୍ଧ ପଧାନ, ଉପଜିଲାପାଳ ତଥା ବୌଦ୍ଧ ନିର୍ବାଚନ ମଣ୍ଡଳୀର ପଞ୍ଜୀକରଣ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଡେପୁଟି କଲେକ୍ଟର ନିର୍ବାଚନ ଶାଶ୍ୱତ ପ୍ରଧାନ, ତହସିଲଦାର ଲଗ୍ନଜିତ ବେହେରା, ସ୍ୱସ୍ତିକ ଜମାଦାର, ବରିଷ୍ଠ ରାଜସ୍ୱ ସହାୟକ ସରୋଜ କୁମାର ବେହେରା, କମ୍ବୁଧର କ୍ଷେତୀ, ଭାଜପାର ତାପସ କୁମାର ପଟ୍ଟନାୟକ, କଂଗ୍ରେସର ସମରେଶ ମିଶ୍ର ଏହି ୨ଠା ପ୍ରକାଶନ ସମୟରେ ଉପସ୍ଥିତ ଥିଲେ।

## ବରପାଲିରେ ପଞ୍ଚାୟତ ସମିତି ବୈଠକ


ବରପାଲି ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଲୋକପ୍ରତିନିଧି, ଅଧିକାରୀ।

**ବରପାଲି, ୩୦।୧୦(ଚିତ୍ତରଞ୍ଜନ ସାହୁ)**

କୃଷି ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ଆସୁଥିବା ସାମଗ୍ରୀର ସୁଚାରୁ ବଣ୍ଟନ ହେଉ ନ ଥିବା ଅଭିଯୋଗ ଉପରେ ସଂପୃକ୍ତ ବିଭାଗକୁ କୈଫିୟତ ତଲବ ସହ ବୈଠକକୁ ଆସି ନ ଥିବା ୱେସ୍କୋ ବିଭାଗ ସମେତ ଅନ୍ୟ ବିଭାଗକୁ ବି କୈଫିୟତ ନିର୍ଦ୍ଦେଶ ଦେଇଥିବା ବିଷୟ ବରପାଲି ପଞ୍ଚାୟତ ସମିତି ବୈଠକ ପରେ ଖବରଦାତାମାନଙ୍କୁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ସୂଚନା ଦେଇଥିଲେ। ବୁଧବାର ବରପାଲି ବ୍ଲକ କାର୍ଯ୍ୟାଳୟଠାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ କୁମାର ଗଡତିଆ, ବରପାଲି ବ୍ଲକ ଅଧକ୍ଷା ରୀନା ଥଇତ, ବ୍ଲକ ଉପାଧକ୍ଷ ବରପାଲି ବିଡ଼ିଓ ସୁମନ୍ତ କୁମ୍ଭାର, ସିଡିପିଓ ସଂଯୁକ୍ତା ଲେଙ୍କାଙ୍କ ସମେତ ବିଭାଗୀୟ ଅଧିକାରୀ, ସମିତି ସଭ୍ୟ, ସରପଞ୍ଚ, ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ। ଯିଏ ଯେଉଁ ରାଜନୈତିକ ଦଳର ହେଉନା କାହିଁକି ଅଞ୍ଚଳର ବିକାଶ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ବିଧାୟକ ଷଡ଼ଙ୍ଗୀ ମତପ୍ରକାଶ କରିଥିଲେ।

## ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କ ଅକାଳ ବିୟୋଗ



**ସୋହେଲା, ୩୦।୧୦ (ଅଶ୍ୱିନୀ କୁମାର ପାତ୍ର):** ବରଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସୋହେଲା ନିବାସୀ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ରଞ୍ଜନ କୁମାର ମହାପାତ୍ରଙ୍କ ବୁଧବାର ଦେହାନ୍ତ ହୋଇଛି। ସେ ସୋମବାର ସନ୍ଧ୍ୟାରେ ହଠାତ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ବରଗଡର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଗଲା ପରେ ବୁର୍ଲାର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପୁଣି ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା ଚାଲିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଚିନ୍ମୟୀ ମହାପାତ୍ର, ପୁଅ ସଚିନ, ଝିଅ ସୁମନ ଓ ମା ପ୍ରେମଲତା ମହାପାତ୍ର ତଥା ଶାଶୁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ବୁଧବାର ଅପରାହ୍ନରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଅନ୍ତେଷ୍ଟି କରାଯାଇଥିଲା। ଏକମାତ୍ର ପୁଅ ସଚିନ ମୁଖାଗ୍ନି ଦେଇଥିଲେ। ତାଙ୍କ ଅକାଳ ବିୟୋଗରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ,ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଓ ସୁଶାନ୍ତ ସିଂହ, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ସୋହେଲା ଆଥଲେଟିକ ଆସୋସିଏଶନ, ସୋହେଲା ଦୁର୍ଗାପୂଜା କମିଟି, ମାରୱାଡି ଯୁବା ମଞ୍ଚ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି।

## ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

**ବଲାଙ୍ଗୀର,୩୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୋକ୍‌ସୋ କୋର୍ଟରେ ବିଚାରଧୀନ ଏକ ମାମଲାରେ ଜଣେ ନାବାଳିକା ବଳାତ୍କାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ପୋକ୍‌ସୋ ବିଚାରପତି ଗୋପବନ୍ଧୁ ଗଡ଼ନାୟକ ବୁଧବାର ୧୦ ବର୍ଷ ଜେଲ ଓ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ ଡିସେମ୍ବର ୧୩ ତାରିଖରେ ୧୫ବର୍ଷର ଜଣେ ନାବାଳିକା ଶୌଚ ହେବାକୁ ଯାଇଥିବା ବେଳେ ଅଭିଯୁକ୍ତ ପାଟଣାଗଡ଼ ଥାନା ଅଞ୍ଚଳର ମଣିଧରୁଆ ତାଙ୍କୁ ସେଠାରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣର ସଚିବଙ୍କୁ ବିଚାରପତି ଗଡନାୟକ ନିର୍ଦ୍ଦେଶ ଦେଇଛନ୍ତି।

## ବାଲିପୁର ଗ୍ରାମରେ ମାଣ୍ଡିଆ କ୍ଷେତ୍ର ଦିବସ

**ହରଭଙ୍ଗା,୩୦।୧୦(ନରେନ୍ଦ୍ର କୁମାର ସାହୁ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାଧାନଗର ପଞ୍ଚାୟତର ବାଲିପୁର ଗ୍ରାମରେ ବେସରକାରୀ ଅନୁଷ୍ଠାନ ଏଲକେବିକେ ପକ୍ଷରୁ ଶ୍ରୀ ଅନ୍ନ ଅଭିଯାନ ସହାୟତାରେ ମାଣ୍ଡିଆ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ଶ୍ରୀ ଅନ୍ନ ଅଭିଯାନ ବ୍ଲକ ସଂଯୋଜକ ସୀତାକାନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃଷି ଅଧିକାରୀ ସବ୍ୟସାଚୀ ଦାସ, ସହକାରୀ ବ୍ଲକ କୃଷି ଅଧିକାରୀ ପ୍ୟାରିମୋହନ ପୁରୋହିତ, ବୀଣାପଣି ସାହଙ୍କ ସମେତ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ।

## କୁକୁଡ଼ା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ

**ହରଭଙ୍ଗା,୩୦।୧୦(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଛତରଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ପ୍ରାଣୀପାଳନ ବିଭାଗ ପକ୍ଷରୁ ପଞ୍ଚାୟତର ଅପପୃଷ୍ଟି ଓ ରକ୍ତହୀନତାରେ ପୀଡିତ ପରିବାରକୁ କୁକୁଡା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଛତରଙ୍ଗ ସରପଞ୍ଚ ବିନୋଦିନୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସରକାରଙ୍କ ଏହି ଯୋଜନା ଏକ ଭଲ ଯୋଜନା ବୋଲି ସରପଞ୍ଚ ପ୍ରଧାନ କହିବା ସହ କୁକୁଡା ଚିଆଁ ବଣ୍ଟନ ଯୋଗୁ ବହୁ ଗରିବ ଲୋକ ପୃଷ୍ଟିହୀନତା ଓ ରକ୍ତହୀନତା ରୋଗରୁ ରକ୍ଷା ପାଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ହରଭଙ୍ଗା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡ. ବିରେନ୍ଦ୍ର କୁମାର ପୃଷ୍ଟି କୁକୁଡା ପାଳନର ଉପକାରିତା ନେଇ ହିତାଧିକାରୀଙ୍କୁ ବୁଝାଇବା ସହ କୁକୁଡା ମାଂସ ଓ ଅଣ୍ଡା ସେବନ କରିବା ଦ୍ୱାରା ରକ୍ତହୀନତା ଓ ଅପପୃଷ୍ଟି ରୋଗକୁ ପ୍ରତହିତ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ହରଭଙ୍ଗା ବ୍ଲକର ଛତରଙ୍ଗ ଓ ଶଙ୍କୁଲୋଇ ଗ୍ରାମପଞ୍ଚାୟତର ଚିହ୍ନଟ ପରିବାରକୁ କୁକୁଡା ଚିଆଁ ବଣ୍ଟନ କରାଯାଇଥିଲା। ହରଭଙ୍ଗା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବିଭୁତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କୁକୁଡା ଚିଆଁ ବଣ୍ଟନ କରାଯାଉଛି।

## ବିଧାୟକଙ୍କୁ ଦାବିପତ୍ର ଦେଲା ମିଶନ ଶକ୍ତି କର୍ମୀ ସଂଘ

**ସରଣ୍ଡା, ୩୦।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଅତାବିରା ବ୍ଲକ ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘ ମିଶନଶକ୍ତି କର୍ମୀସଂଘ ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅତାବିରା ବିଧାୟକ ନିହାରରଂଜନ ମହାନନ୍ଦକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ ପାଞ୍ଚ ଗୋଟି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କର ଯେଉଁ ୫ ବର୍ଷିଆ ଚୁକ୍ତି ଭିତ୍ତିକ ସେବାକୁ ହଟାଯାଉ। ଅତାବିରା ବ୍ଲକ ଅଞ୍ଚଳରେ ଦୀର୍ଘ ୧୨ ବର୍ଷ ଧରି କମ୍ୟୁନିଟ ଷ୍ଟାଫ ନିରବଚ୍ଛିନ୍ନ ଭାବରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର ପ୍ରତ୍ୟେକ କାର୍ଯ୍ୟ ତୃଣମୂଳ ସ୍ତରରେ ରୂପାନ୍ତରିତ କରିଆସୁଅଛୁ। କିନ୍ତୁ ପରିତାପର ବିଷୟ ଉପରୋକ୍ତ ଅଧିକାରୀ ଓ ମନ୍ତ୍ରୀଙ୍କୁ ଦୀର୍ଘ ୬ ମାସ ହେଲାଣି ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କମ୍ୟୁନିଟ ଷ୍ଟାଫଙ୍କ ୫ ବର୍ଷିଆ ଚୁକ୍ତିକୁ ହଟାଯାଉ ନାହିଁ। ବିଧାୟକ ନିହାରରଞ୍ଜନ ମହାନନ୍ଦଙ୍କୁ ଦାବିପତ୍ର ଦେବା ସମୟରେ ଭାଜପା ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଟ, ବ୍ଲକସ୍ତରୀୟ ଜିପିଏଲଏଫ ମିଶନଶକ୍ତି କର୍ମୀସଂଘର ସଭାନେତ୍ରୀ ଶାନ୍ତି ବେସନ, ସମ୍ପାଦିକା ରୀନା ପଣ୍ଡା, ଉପସ୍ଥିତ ଥିଲେ।


ଅତାବିରା ବିଧାୟକଙ୍କୁ ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘ ମିଶନ ଶକ୍ତି କର୍ମୀସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବିଡିଓଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ

ବଣାଇଁ,୩୦।୧୦(ପ୍ରଦୀପ ତ୍ରିପାଠୀ)



ସୁନ୍ଦରଗଡ଼ ଜିଲା ବଣାଇଁ ବ୍ଲକ କେନ୍ଦ୍ରିକଳା ଗ୍ରାମପଞ୍ଚାୟତରେ ସରପଞ୍ଚଙ୍କ ମନୋମୁଖୀ କାର୍ଯ୍ୟ ଓ ଚଞ୍ଚକତା କରି ଅର୍ଥ ହଡ଼ପ ଦର୍ଶାଇ ୧୪ ଜଣ ୱାର୍ଡ ମେମ୍ବରଙ୍କ ମଧ୍ୟରୁ ୧୧ ଜଣ ଗତ ୭ ତାରିଖଠାରୁ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ହେଲେ ତାହାକୁ ଗୁରୁତ୍ୱ ଦିଆ ନ ଯାଇ ବୁଧବାର ୱାର୍ଡ ମେମ୍ବର ଓ ଗାଁ ସାଥିଙ୍କୁ ଗ୍ରାମ ପଞ୍ଚାୟତର ଉନ୍ନୟନ କାର୍ଯ୍ୟର ସମୀକ୍ଷା ନିମନ୍ତେ ଡକାଯିବା ଘଟଣା ନେଇ ସବୁ ମହଲରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି । ବଣାଇଁ ବିଡିଓ ଦିବ୍ୟ ଶଙ୍କର ଜୟପୁରିଆ ବ୍ଲକକୁ ଡାକି ୱାର୍ଡ ମେମ୍ବରଙ୍କୁ ଦୁର୍ବ୍ୟବହାର କରିବା ନେଇ ସେମାନେ ଅଭିଯୋଗ କରିଥିଲେ। ଅଭିଯୋଗ କରିଥିବା ୧୧ ଜଣ ୱାର୍ଡମେମ୍ବର କେନ୍ଦ୍ରିକଳା ଗ୍ରାମପଞ୍ଚାୟତର ସରପଞ୍ଚ କାର୍ଯ୍ୟରେ ଅତିଷ୍ଠ ହୋଇ ନାଏବ ସରପଞ୍ଚଙ୍କ ସହିତ ଗତ ୭ ତାରିଖ ଠାରୁ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ବଣାଇଁ ଉପଜିଲାପାଳଙ୍କ ନିକଟରେ ଲିଖିତ ଅନୁରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ଅନୁସାରେ ବଣାଇଁ ବିଡ଼ିଓଙ୍କୁ ଘଟଣାର ଅନୁଧ୍ୟାନ କରି ଅନାସ୍ଥା ପ୍ରସ୍ତାବ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି କରିଥିଲେ। କିନ୍ତୁ ଏହା ମଧ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ ଜାଣିଶୁଣି ଅନାସ୍ଥା ପ୍ରସ୍ତାବକୁ ଭଣ୍ଡୁର କରିବା ପାଇଁ ଦିନ ଗଡ଼ାଇ ଚାଲିଥିବା ଅଭିଯୋଗ ହେଉଛି। ବଣାଇଁ ବ୍ଲକ ଅଧୀନରେ ୧୩ଟି ପଞ୍ଚାୟତ ରହିଛି। ହେଲେ କୌଣସି ପଞ୍ଚାୟତର ଉନ୍ନତି ବିଷୟରେ ପୂର୍ବରୁ କାହାକୁ ଆଲୋଚନା ପାଇଁ ବିଡ଼ିଓ ଡାକି ନ ଥିବା ବେଳେ କେଉଁ ଉଦ୍ଦେଶ୍ୟରେ କେନ୍ଦ୍ରିକଳା ଗ୍ରାମପଞ୍ଚାୟତର ସମିତସଭ୍ୟ ଓ ଜିଲାପରିଷଦ ସଭ୍ୟ ଙ୍କୁ ଛାଡି କେବଳ ୱାର୍ଡ ମେମ୍ବର, ଗାଁ ସାଥି ଓ ସରପଞ୍ଚଙ୍କୁ ଉନ୍ନୟନ ମୂଳକ କାର୍ଯ୍ୟର ଆଲୋଚନା ପାଇଁ ଡାକିଲେ ତାହା ସନ୍ଦେହ ସୃଷ୍ଟି କରିଛି। ବିଡିଓ ଦିବ୍ୟ ଶଙ୍କର ଜୟପୁରିଆଙ୍କୁ ପଚାରିବାରୁ, ସେମାନେ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ କଥା ହେବାକୁ ମନା କରିଥିଲେ। ଅନାସ୍ଥା ସମ୍ପର୍କରେ ଆଲୋଚନା ହେଲେ ରହିବୁ କହି କକ୍ଷତ୍ୟାଗ କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ବେଳେ ନ ରହିଲେ ପୋଲିସକୁ ଡାକିବାକୁ ମୁଁ କହିଥିଲି। ଏତଦ୍‌ବ୍ୟତୀତ ଅନ୍ୟ କୌଣସି ଧମକ ଦେଇନାହିଁ ବୋଲି ଜୟପୁରିଆ କହିଛନ୍ତି।

**ପଞ୍ଚାୟତ ଉନ୍ନୟନ କାର୍ଯ୍ୟର ସମୀକ୍ଷା**

**କକ୍ଷ ତ୍ୟାଗ କଲେ ୱାର୍ଡ ମେମ୍ବର**

## ଦେଶୀ ମହୁଲି ମଦ ଜବତ, ଯୁବକ କୋର୍ଟ ଚାଲାଣ

ଲହୁଣୀପଡା,୩୦।୧୦(ଦାଶରଥି ପଣ୍ଡା)

ବାଇକରେ ଦେଶୀ ମହୁଲି ମଦ ଚୋରା ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ହାତରେ ଧରାପଡି ଜଣେ ଯୁବକ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ରାସାଇ ମୁଣ୍ଡାରୀ (୨୧)। ଏନେଇ ପୋଲିସ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲଣ କରିଛି। ସୂଚନାରୁ ପ୍ରକାଶ, ମହୁଲପଦା ଥାନା ଅନ୍ତର୍ଗତ ଫୁଲଝର ପଞ୍ଚାୟତ ଉପର ଗିନିଆ ଗ୍ରାମର ରାସାଇ ନିଜର ବାଇକ (ନଂ.ଓ –୧୪ଏସି –୦୦୯୪) ଯୋଗେ ଦେଶୀ ମହୁଲି ମଦ ନେଇ ନିଜ ଗ୍ରାମ ଉପର ଗିନିଆରୁ ଲଲେଇ ପଟେ ଆସୁଥିଲେ। କୌଣସି ସୂତ୍ରରୁ ଖବରପାଇ ଲହୁଣୀପଡା ଅବକାରୀ ଅଧିକାରୀ ତେଜରାଜ ଗହୀର,ଏଏସଆଇ ବାଦଲ କୁମାର ବ୍ରହ୍ମ, ରଷ୍ମି ଲାକ୍ରାଙ୍କ ସମେତ ପଞ୍ଚାନନ ଜେନା, ସୁକୁମାର ସାହୁ, ଶ୍ୟାମ ସୁନ୍ଦର ସାହୁ,ଜ୍ୟୋତିପ୍ରକାଶ ଛୁରିଆ, ବିଦ୍ୟାଧର ସାହୁ ପ୍ରମୁଖ ରାଜ୍ୟ ରାଜପଥ ୧୦ (କ)ଲଲେଇ ଛକ ନିକଟରେ ଅତର୍କିତ ଚଢ଼ାଉ କରିଥିଲେ। ତାଙ୍କ ନିକଟରୁ ୪୦ ଲିଟର ଦେଶୀ ମହୁଲି ମଦ ସହ ବାଇକ୍ ଜବତ କରିଥିଲେ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଦେବାଶିଷ



@ ରତ୍ନାକର



@ ସୌମ୍ୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଟେନ୍‌ସା ଡିଏଭି ସ୍କୁଲରେ ବିଜ୍ଞାନମେଳା

ଟେନ୍‌ସା,୩୦।୧୦(ସମୀର କୁମାର ପାଢ଼ୀ): ସୁନ୍ଦରଗଡ଼ ଜିଲା ଟେନ୍‌ସାରେ ଥିବା ଡିଏଭି ସ୍କୁଲ ପରିସରରେ ବିଜ୍ଞାନମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅଧକ୍ଷ ଅଂଶୁମାନ ମହାନ୍ତି, ସମ୍ମାନିତ ଅତିଥି କୋଇଡା ଏବିଓ ପ୍ରଶାନ୍ତ କୁମାର ପରିଡ଼ା, ବରିଷ୍ଠ ଖବରଦାତା ସମୀର ପାଢ଼ୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ,ଗଣିତ,ସାମାଜିକ ବିଜ୍ଞାନ,ସାହିତ୍ୟ,ଚିତ୍ରାଙ୍କନ ଓ ହସ୍ତକଳା ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଜ୍ଞାନମେଳାରେ ଓଡ଼ିଆ ପରମ୍ପରା ଭାଗବତ ଟୁଙ୍ଗିଠାରୁ ଆରମ୍ଭକରି ପରିବେଶ, ଚାରା ରୋପଣ, ବିଭିନ୍ନ ପ୍ରକାର ବିଜ୍ଞାନ ପରୀକ୍ଷାମାନ ଆଦି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ମେଳାରେ ମୋଟ ୩୫୭ ଜଣ ପିଲା ଭାଗ ନେଇଥିଲେ। ୧୦୭ଟି ପ୍ରୋଜେକ୍ଟ, ୧୦୦ଟି ଆର୍ଟ, ୧୩ଟି ହସ୍ତକଳା ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲୁହାଛଡ଼ ଚୋରି ଅଭିଯୋଗ: ୧୧ ଗିରଫ



ଲହୁଣୀପଡା, ୩୦।୧୦(ଦାଶରଥି ପଣ୍ଡା)

ବିଭିନ୍ନ ଥାନା ଅନ୍ତର୍ଗତ ଭିନ୍ନଭିନ୍ନ ସ୍ଥାନରୁ ଲୁହାଛଡ଼ ଚୋରିକରି ବିକ୍ରି କରିଥିବା ଅଭିଯୋଗରେ ୧୦ ଜଣ ଚୋର ଓ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉପେନ୍ଦ୍ର ନାୟକ(୨୭), ଚକ୍ର ମୁଣ୍ଡା(୧୯), କୃଷ୍ଣ ମୁଣ୍ଡା(୨୭), ରାଜନ ମୁଣ୍ଡା(୨୩), ନରେଶ ନାୟକ, ମହେଶ୍ୱର ମୁଣ୍ଡା(୨୨), ଦିଲୀପ ମୁଣ୍ଡା (୨୪), ଅନୀଲ କୁମାର ସେଠି(୩୨), ରମେଶ ନାୟକ (୩୬) ଓ ଗୌତମ ସାହୁ (୪୬)। ବୁଧବାର ସନ୍ଧ୍ୟାରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସେମାନଙ୍କ ନିକଟରୁ ପିକଅପ ଭ୍ୟାନ ଓ ୧୧୦ ବଣ୍ଡଲ ଲୁହାଛଡ଼ ଜବତ କରିଥିବା ଜଣାପଡିଛି। ଏଥିସହ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଅନୁସାରେ, ଲହୁଣୀପଡା ଥାନା ଅନ୍ତର୍ଗତ ହଳଦୀ କୁଦରଠାରେ ଥିବା ସରସ୍ୱତୀ ବିଦ୍ୟା ମନ୍ଦିରରେ ଶ୍ରେଣୀ ଗୃହ ନିର୍ମାଣ ପାଇଁ ରଖା ଯାଇଥିବା ଲୁହାଛଡ଼ ଗଦାରୁ ୨୨ ବଣ୍ଡଲ ଲୁହାଛଡ଼ ଚୋରି ହୋଇଯାଇଥିବା ଲହୁଣୀପଡା ଥାନାରେ ଅଭିଯୋଗ ହୋଇଥିଲା। ସେହିଭଳି ମହୁଲପଦା ଥାନା ସିହିଡିହା ଗ୍ରାମର ସଂଯୁକ୍ତା ପ୍ରଧାନ ନୂତନ ଘର ନିର୍ମାଣ କରିବା ପାଇଁ ରଖିଥିବା ଲୁହାଝଡ ଗତ ୨୪ ତାରିଖରେ ଚୋରି ହୋଇଥିଲା। ଲହୁଣୀପଡା ବ୍ଲକ ଶଙ୍ଖପୋଷ ପଞ୍ଚାୟତ ନନ୍ଦାପଡ଼ା ଗ୍ରାମର କୃଷ୍ଣ ଚନ୍ଦ୍ର ମାହାନ୍ତଙ୍କ ଦୋକାନରୁ ୨୦ ବଣ୍ଡଲ ଲୁହାଛଡ଼ ଚୋରି ହୋଇଥିବା କେ. ବଲାଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ସେହିଭଳି ବରସୁଆଁ ଓ ବଣେଇ ଥାନା ଅନ୍ତର୍ଗତ ଗୋବିନ୍ଦପୁର, ଷେଣ୍ଢପୁର ଅଞ୍ଚଳରୁ ବିଭିନ୍ନ ସମୟରେ ଏହି ଗ୍ୟାଙ୍ଗ ଲୁହାଛଡ଼ ଚୋରିକରି ନେଇ କମ ମୂଲ୍ୟରେ କେନ୍ଦୁଝର ଜିଲା ତେଲକୋଇ ବ୍ଲକ ବିଞ୍ଝବାହାଳ ଗ୍ରାମର ଗୌତମଙ୍କ ନିକଟରେ ବିକ୍ରି କରୁଥିଲେ ବୋଲି ପୋଲିସର ଅନୁସନ୍ଧାନ ବେଳେ ଜଣାପଡିଛି।

## ମହିଳାଙ୍କୁ ବଳାତ୍କାର: ଯୁବକ କୋର୍ଟ ଚାଲାଣ

ଲହୁଣୀପଡା,୩୦।୧୦(ଦାଶରଥି ପଣ୍ଡା) ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ ପରାଗପୋଷ ଗ୍ରାମରେ ବିଳମ୍ବିତ ରାତିରେ ଏକୁଟିଆ ଥିବାର ସୁଯୋଗ ନେଇ ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କନ୍ତ ଭୂମିଜ(୩୨)। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାରୁ ପ୍ରକାଶ, ପରାଗପୋଷ ଗ୍ରାମର ଜଣେ ମହିଳା ତାଙ୍କର ୨ ସନ୍ତାନଙ୍କ ସହ ରାତିରେ ଶୋଇଥିଲେ। ବିଳମ୍ବିତ ରାତିରେ ଏକୁଟିଆର ସୁଯୋଗ ନେଇ ସେହି ଗ୍ରାମର କନ୍ତ ଘରେ ପଶି ଉକ୍ତ ମହିଳାଙ୍କୁ ଜୋରଜବର ଦସ୍ତି ବଳାତ୍କାର କରିଥିଲେ। ଏନେଇ ମହିଳାଙ୍କ ପରିବାର ପକ୍ଷରୁ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

## ଗଞ୍ଜେଇ ସହ ବାଇକ୍ ଜବତ

ଦେଓଗାଁ,୩୦।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ ନଂ ଜାତୀୟ ରାଜପଥରେ ସ୍ଥାନୀୟ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ବାଇକ୍ ଆରୋହୀଙ୍କ ଠାରୁ ୫ କେଜି ଗଞ୍ଜେଇ ଜବତ କରିଛି । ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା କଣ୍ଟାମାଳର ମହାଦେବ ମଲ୍ଲିକ । ପୋଲିସ ଗଞ୍ଜେଇ ଚାଲାଣରେ ବ୍ୟବହୃତ ବାଇକ୍‌କୁ ଜବତ କରି ଥାନାରେ ଏକ ମାମଲା ରୁଜୁ କରିଛି। ଗିରଫ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ସୂଚନାନୁସାରେ, ଡୁଙ୍ଗୁରା ପଟରୁ ମହାଦେବ ଏକ ଲାଲ ରଙ୍ଗର ସ୍ପିଡି ଡିଲକ୍ସ ବାଇକ୍ (ନଂ ଓଡି୨୭ବି ୭୫୨୮)ରେ ଦେଓଗାଁ ପଟକୁ ଆସୁଥିବା ବେଳେ ସ୍ଥାନୀୟ ପୋଲିସ ସନ୍ଦେହ କରି ରାଜପଥ ଉପରେ ଅଟକାଇ ଛାନଭିନ କରିଥିଲା। ଯାଞ୍ଚ ସମୟରେ ଗାଡି ଡିକିରୁ ୫ କେଜି ଗଞ୍ଜେଇ ଜବତ ହୋଇଥିଲା।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଲହୁଣୀପଡା,୩୦।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ୧୪୩ ନମ୍ବର ଜାତୀୟ ରାଜପଥର ସାଲେଇବାହାଲଠାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରେ ୨ ଜଣ ବାଇକ ଆରୋହୀ ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ ରାହୁଲ ମୁଣ୍ଡା (୧୩)। ସୂଚନାରୁ ପ୍ରକାଶ, ଟିକାୟତ ପାଲି ଥାନା ଅନ୍ତର୍ଗତ କରେଇପୁଟ ଗ୍ରାମର କାଣ୍ଡେ ମୁଣ୍ଡା ନିଜ ପୁଅ ରାହୁଲଙ୍କୁ ଓଆର –୧୫ଏନ– ୫୧୦୯ ନଂ ବାଇକରେ ବସାଇ ନିଜ ଶଶୁର ଘରୁ ନିଜ ଗ୍ରାମ କରେଇପୁଟକୁ ଯାଉଥିବା ବେଳେ ୧୪୩ ନମ୍ବର ଜାତୀୟ ରାଜପଥର ସାଲେଇବାହାଲ ଠାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଆହତ ୨ଜଣଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବଣେଇ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ରାହୁଲଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ରାହୁଲଙ୍କ ମୃତ୍ୟୁ ଘଟିଥିଲା। ଲହୁଣୀପଡା ପୋଲିସେ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା। ଏଥିସହ ବାଇକକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

## ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

ବଲାଙ୍ଗୀର,୩୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୋକ୍‌ସୋ କୋର୍ଟରେ ବିଚାରଧୀନ ଏକ ମାମଲାରେ ଜଣେ ନାବାଳିକା ବଳାତ୍କାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ପୋକ୍‌ସୋ ବିଚାରପତି ଗୋପବନ୍ଧୁ ଗଡ଼ନାୟକ ବୁଧବାର ୧୦ ବର୍ଷ ଜେଲ ଓ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ ଡିସେମ୍ବର ୧୩ ତାରିଖରେ ୧୫ବର୍ଷର ଜଣେ ନାବାଳିକା ଶୌଚ ହେବାକୁ ଯାଇଥିବା ବେଳେ ଅଭିଯୁକ୍ତ ପାଟଣାଗଡ଼ ଥାନା ଅଞ୍ଚଳର ମଣିଧରୁଆ ତାଙ୍କୁ ସେଠାରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣର ସଚିବଙ୍କୁ ବିଚାରପତି ଗଡନାୟକ ନିର୍ଦ୍ଦେଶ ଦେଇଛନ୍ତି।

## ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକଙ୍କୁ ୩ ବର୍ଷ ଜେଲ

ସୁନ୍ଦରଗଡ,୩୦।୧୦(ଜୟ ନାରାୟଣ ମେଣ୍ଡୁଲି)



ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ସସ୍ମିତା ପାରୀ ବୁଧବାର ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାର ଶୁଣାଣି କରି ବଣାଇ ତହସିଲର ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ତ୍ରିପାଠୀ (୭୮)ଙ୍କୁ ୩ବର୍ଷ ଜେଲ ସହ ଏକ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ପାଇଁ ବିଚାରପତି ତାଙ୍କ ରାୟରେ ଆଦେଶ କରିଛନ୍ତି। ୧୯୯୮ ମସିହାରେ ସମ୍ବଲପୁର ଭିଜିଲାନ୍ସ ଥାନା କେଶ ନଂ. ୬୨/୧୯୯୫ ସିଟିଆର କେସ ନଂ. ୩୨ରେ ତ୍ରିପାଠୀ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଆୟ ବହିର୍ଭୁତ ସମ୍ପତ୍ତି ଜମା କରିବା ପାଇଁ ଟ ୩,୫୮,୦୩୦.୭୮ ପଇସା ଯାହା ତାଙ୍କ ଜଣାଶୁଣା ଆୟର ୯୭.୬୪ ପ୍ରତିଶତ। ଭିଜିଲାନ୍ସ ଇନ୍‌ସପେକ୍ଟର ବିଷ୍ଣୁ ଚରଣ ଦାଶ ଏହି ଘଟଣାର ତଦନ୍ତ କରିଥିଲେ। ଶ୍ୟାମ ସୁନ୍ଦର ମିଶ୍ର, ସ୍ୱତନ୍ତ୍ର ପି.ପି, ଭିଜିଲାନ୍ସ, ସୁନ୍ଦରଗଡ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ମାମଲା ପରିଚାଳନା ହୋଇଥିଲା।

## ଟ୍ରାନ୍ସପୋର୍ଟ ୱାର୍କର୍ସ ସଂଘର ପ୍ରଥମ ବୈଠକ

ସୁନ୍ଦରଗଡ଼,୩୦।୧୦(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲାର ବିଭିନ୍ନ ଖଣି ଅଞ୍ଚଳର ଭିନ୍ନ ଭିନ୍ନ କ୍ଷେତ୍ରରେ କାମ କରୁଥିବା ଡ୍ରାଇଭରଙ୍କୁ ନେଇ ଗଠିତ ଟ୍ରାନ୍ସପୋର୍ଟ ୱାର୍କର୍ସ ସଂଘର ପ୍ରଥମ ବୈଠକ ବୁଧବାର ବଲିଙ୍ଗାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ସଂଘର ନୂତନ ସଭାପତି ଅଜୟ ପଟେଲ ଯୋଗଦେଇ ପ୍ରତି ଖଣିରେ ବାହାର ରାଜ୍ୟରୁ ଆସି ଯୋଗଦେଇ ବିଭିନ୍ନ କମ୍ପାନୀରେ ସ୍ଥାନୀୟ ଡ୍ରାଇଭରଙ୍କୁ ନିଯୁକ୍ତି, ସମସ୍ତ ଡ୍ରାଇଭରଙ୍କୁ ସର୍ବନିମ୍ନ ସୁବିଧା ସରକାର ନିୟମ ଅନୁଯାୟୀ ମିଳିବା ସହ ଉଚିତ କାର୍ଯ୍ୟ ସମୟ, ବୀମା ସମସ୍ତ ସୁବିଧା କିପରି ମିଳିପାରିବ ସେନେଇ ନିଜର ଅଭିଭାଷଣରେ କହିଥିଲେ। ଏହି ସଭାକୁ ପ୍ରଣବ ଭୈଇଁସାଲ ପରିଚାଳନା କରିଥିଲେ। ବିଭିନ୍ନ ବ୍ଲକରୁ ଶତାଧିକ ଡ୍ରାଇଭର ଯୋଗ ଦେଇଥିଲା ବେଳେ ନୂତନ ଉପସଭାପତି ଭାବେ ଏମଡି ଫକ୍ରୁଦ୍ଦିନ, ସାଧାରଣ ସମ୍ପାଦକ ରାଜେଶ ବଡେ, ଯୁଗ୍ମ ସମ୍ପାଦକ ଗଙ୍ଗାଧର ସାହୁ, ଯୁଗ୍ମ ସମ୍ପାଦକ ଶଶୀଭୂଷଣ ସା, କୋଷାଧକ୍ଷ ଦୀପକ ଟପ୍ପୋ ନୂତନ କାର୍ଯ୍ୟକର୍ତ୍ତା ଭାବେ ମନୋନୀତ ହୋଇଥିଲେ। ଆସନ୍ତା ମାସ ସମସ୍ତ ବ୍ଲକର ଡ୍ରାଇଭରଙ୍କୁ ନେଇ ଏକ ବିଶାଳ ସମାବେଶ ପାଇଁ ନିଷ୍ପତ୍ତି ନିଆଯାଇଛି।



# ୧୨ଶ୍ରମ ସଙ୍ଗଠନ ପ୍ରତ୍ୟକ୍ଷ ନିର୍ବାଚନରେ ସକ୍ରିୟ

ରାଉରକେଲା, ୩୦।୧୦(ସଙ୍ଗୀତା ଜେନା)

**ଆର୍‌ଏସ୍‌ପି ସ୍ୱୀକୃତି ନିର୍ବାଚନ**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଶ୍ରମିକ ସଂଘ ସ୍ୱୀକୃତି ନିର୍ବାଚନ ଆସନ୍ତା ୧୨ରେ ହେବାକୁ ଯାଉଛି। ଏ ନେଇ ଗତ ୨୨ ଓ ୨୩ ତାରିଖ ଦୁଇଦିନ ବ୍ୟାପୀ ନାମାଙ୍କନ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ହୋଇଯାଇଥିଲା। ସେହିପରି ୨୮ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ଏବଂ ନିର୍ବାଚନୀ ଚିହ୍ନ ତାଲିକା ସର୍ବସମ୍ମତିରେ ପ୍ରକାଶ ପାଇଥିଲା। ଚଳିତଥର ମୋଟ ୧୮ଟି ଶ୍ରମିକ ସଂଘ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ସେଥିରୁ କିଛି ପ୍ରତ୍ୟାହାର କରିନେଇଥିଲେ। ତେବେ ସମ୍ପ୍ରତି ନିର୍ବାଚନ ମାତ୍ର ୧୨ଟି ଶ୍ରମ ସଙ୍ଗଠନର ପ୍ରତିଦ୍ୱନ୍ଦିତାରେ ସୀମିତ ରହିଛି। ସେମାନେ ହେଲେ ଆମ ମଜଦୁର ସଙ୍ଗଠନ, ଇସ୍ପାତ ଲେବ ୟୁନିଅନ୍, ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ, ଲୌହ ମଜଦୁର ୟୁନିଅନ୍, ନର୍ଥ ଓଡ଼ିଶା ୱାର୍କରର୍ସ ୟୁନିଅନ୍, ରାଉରକେଲା ମଜଦୁର ସଭା, ରାଉରକେଲା ଇସ୍ପାତ କର୍ମଚାରୀ ସଂଘ, ରାଉରକେଲା ଶ୍ରମିକ ପଞ୍ଚାୟତ, ରାଉରକେଲା ଶ୍ରମିକ ସଂଘ, ରାଉରକେଲା ଷ୍ଟିଲ ମଜଦୁର ୟୁନିଅନ୍, ରାଉରକେଲା ୱାର୍କର୍ସ ୟୁନିଅନ୍, ଷ୍ଟିଲ୍ ଏମ୍ପ୍ଲୋଇଜ ଟ୍ରେଡ୍ ୟୁନିଅନ୍। ୧୯୯୫ ମସିହାରୁ ଉକ୍ତ ସ୍ୱୀକୃତି ନିର୍ବାଚନରେ ସଫଳ ହୋଇଥିବା ଆଇଏନ୍‌ଟିୟୁସି ରାଉରକେଲା ଶ୍ରମିକ ସଂଘ(ଆର୍‌ଏସ୍‌ଏସ୍) ଏଥରକୁ ମଧ୍ୟ ମୁଖ୍ୟ ପ୍ରତିଦ୍ୱନ୍ଦୀ ଭାବେ ଛିଡା ହୋଇଛି। ମଇଦାନରେ ୧୨ଟି ସଙ୍ଗଠନ ଥିଲେ ମଧ୍ୟ ଆର୍‌ଏସ୍‌ଏସ୍ ଓ ବିଏମ୍‌ଏସ୍ ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ(ଆର୍‌ଆଇକେକେଏସ୍) ମଧ୍ୟରେ ପ୍ରତ୍ୟକ୍ଷ ଭାବେ ପ୍ରତିଦ୍ୱନ୍ଦିତା ରହିଛି। ଆର୍‌ଏସ୍‌ଏସ୍‌ର ମେଣ୍ଟ ତଥା ସ୍ଥାନୀୟ ଶ୍ରମିକ ସଙ୍ଗଠନ ଗାଙ୍ଗପୁର ମଜଦୁର ମଞ୍ଚ(ଜିଏମ୍‌ଏମ୍) ଏହାକୁ ପୂର୍ଣ୍ଣ ସମର୍ଥନ ଦେଉଛି। ସେହିପରି ଆରଆଇକେକେଏସ୍‌କୁ ବାହ୍ୟସମର୍ଥନ ସାଙ୍ଗକୁ ପୂର୍ଣ୍ଣ ଭାବେ ରାଜନୈତିକ ସମର୍ଥନ ମିଳୁଛି। ଅତଏବ ରାଉରକେଲା ଇସ୍ପାତ କାରଖାନାରେ ସମ୍ପ୍ରତି ଉକ୍ତ ନିର୍ବାଚନୀ ପାଇଁ ଗଣମାଧ୍ୟମରେ ଆରୋପ ଓ ପ୍ରତ୍ୟାରୋପ ଜାରି ରହିଛି। ଉଭୟ ଶ୍ରମିକ କର୍ମଚାରୀଙ୍କୁ ୩୯ ମାସର ବକେୟା ଏରିଅର, ଚଳିତ ବର୍ଷର ବୋନସ୍ ଆଦିକୁ ଏଜେଣ୍ଡାରେ ସାମିଲ କରିଛନ୍ତି। ସେହିପରି ସୋସିଆଲ ମିଡ଼ିଆରେ ଏହି ଦୁଇପକ୍ଷ ମଧ୍ୟରେ ଏରିଅର ଓ ଅନ୍ୟ ପ୍ରସଙ୍ଗକୁ ନେଇ ତୀବ୍ର ସମାଲୋଚନା ଜାରି ରହିଛି। ତେବେ ମାଇକ ଓ ପାରମ୍ପରିକ ପ୍ରଚାର ବ୍ୟତୀତ ସୋଶିଆଲ ମିଡ଼ିଆରେ ଏହି ନିର୍ବାଚନର ପ୍ରଚାର ଅଧିକ ରହିଛି।

### ନିର୍ବାଚନୀ ଚିହ୍ନ ପାଇଁ ଆପତ୍ତି: ଅଭିଯୋଗପତ୍ର ଦାଖଲ ଆର୍‌ଏଲ୍‌ସିରେ କଲା ଆର୍‌ଆଇକେଏସ୍

ରାଉରକେଲା, ୩୦।୧୦(ସଙ୍ଗୀତା ଜେନା)

ଇସ୍ପାତ ସହରରେ ଶ୍ରମିକ ନିର୍ବାଚନୀ ଉଷ୍ମତା ଦେଖାଯାଇଥିବା ବେଳେ ନିର୍ବାଚନୀ ଚିହ୍ନ ଏବଂ ପ୍ରାର୍ଥୀ ତାଲିକାରେ ସ୍ଥାନକୁ ନେଇ ଏକ ନୂତନ ବିବାଦ ମୁଣ୍ଡ ଟେକିଛି। ସ୍ଥାନୀୟ ଶ୍ରମିକ ସଂଘ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ( ଆର୍‌ଆଇକେଏସ୍)କୁ ଚଳିତଥର ପୂର୍ବ ବର୍ଷ ବ୍ୟବହାର କରିଥିବା ନିର୍ବାଚନୀ ଚିହ୍ନ ପ୍ରଦାନ କରାଯାଇଛି। ଏହାକୁ ନେଇ କଡ଼ା ଆପତ୍ତି ଜାହିର କରିଛନ୍ତି ସଂଘର ଆବାହକ ରମେଶ ସାହୁ। ଏ ନେଇ ସାହୁ ବୁଧବାର ସେକ୍ଟର–୫ ସ୍ଥିତ ଆରଏଲ୍‌ସିରେ ଉପାୟୁକ୍ତ ରବିକାନ୍ତ ରେଡ୍ଡୀଙ୍କୁ ଅଭିଯୋଗପତ୍ର (ଚିଠି)ପ୍ରଦାନ କରିଛନ୍ତି। ସାହୁ କହିଛନ୍ତି, ଗତ ୨୫ ତାରିଖରେ ସର୍ବଦଳୀୟ ବୈଠକରେ ନିର୍ବାଚନୀ ଚିହ୍ନକୁ ନେଇ ଆଲୋଚନା ହୋଇଥିଲା। ଏଥିରେ ଆର୍‌ଆଇକେଏସ୍ ନିର୍ବାଚନୀ ଚିହ୍ନ ପ୍ରଦାନ କରିଥିଲା। ହେଲେ ପରେ ଏହାକୁ ତୁରନ୍ତ ପରିବର୍ତ୍ତନ କରିବାକୁ ଆର୍‌ଆଇକେଏସ୍‌କୁ ଶ୍ରମ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ଯାହାଦ୍ୱାରା ନିର୍ବାଚନୀ ଚିହ୍ନ ପରିବର୍ତ୍ତନ କରାଯାଇଥିଲା। ସେହିପରି ଅନ୍ୟ ଶ୍ରମ ସଙ୍ଗଠନର କଥାକୁ ଶ୍ରମ ବିଭାଗ ଅଧିକ ଗୁରୁତ୍ୱ ଦେଉଛି ବୋଲି ସାହୁ କଡ଼ା ଆପତ୍ତି କରିଥିଲେ। ମନମୁତାବକ ନିର୍ବାଚନୀ ଚିହ୍ନମିଳିଲା ନାହିଁ, ଆମକୁ ପ୍ରାର୍ଥୀ ତାଲିକାରେ ଇଚ୍ଛାମୁତାବକ ସ୍ଥାନରେ ରହିବାକୁ ଦିଆଯାଉ ବୋଲି ସାହୁ ଦାବି କରି ଚିଠିରେ ଉଲ୍ଲେଖ କରିଥିଲେ। ଏହି ପରିପ୍ରେକ୍ଷୀରେ ଆର୍‌ଏଲ୍‌ସି ରେଡ୍ଡୀଙ୍କୁ ପଚରାଯିବାରୁ ସେ କହିଲେ, ଆର୍‌ଆଇକେଏସ୍ ସଙ୍ଗଠନ ବୁଧବାର ଅଭିଯୋଗ କରିବାକୁ ଆସିଥିଲା। ଏହାର ଅଭିଯୋଗପତ୍ର (ଚିଠି)ଗ୍ରହଣ କରାଯାଇଛି। ରିଟର୍ଣ୍ଣି ଅଫିସର ପୂର୍ବଥର ବ୍ୟବହାର କରିଥିବା ଚିହ୍ନକୁ ଚଳିତଥର ବ୍ୟବହାର କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ନିରପେକ୍ଷ, ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ବିଭିନ୍ନ ଅଭିଯୋଗ ବାବଦରେ ରିଟର୍ଣ୍ଣିଂ ଅଫିସରଙ୍କ ଉପରେ ନିଷ୍ପତ୍ତି ଛାଡି ଦିଆଯାଇଛି ବୋଲି ରେଡ୍ଡି କହିଥିଲେ।

**ଡିଜିଟାଲ ସଚେତନତା ଶିବିର**

ପଡିଆବାହାଲ,(ରାଧାମୋହନ ଷଡ଼ଙ୍ଗୀ): ସମ୍ବଲପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଦୟାନନ୍ଦ ପବ୍ଲିକ ସ୍କୁଲ ଏବଂ ଜୟଦୁର୍ଗା କନିଷ୍ଠ ମହାବିଦ୍ୟାଳୟରେ ଡିଜିଟାଲ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମାଉଣ୍ଟ ଆବୁ ଆଇଟିରେ କାର୍ଯ୍ୟରତ ବ୍ରହ୍ମାକୁମାର ଭ୍ରାତା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଡିଜିଟାଲ ଉତ୍କର୍ଷତା ଉପରେ କହିଥିଲେ। କନିଷ୍ଠ ମହାବିଦ୍ୟାଳୟରେ ଅଧକ୍ଷ, ଯୋଗ ଶିକ୍ଷକଙ୍କ ସହିତ ଅଧାପକମାନେ ଓ ପବ୍ଲିକ ସ୍କୁଲରେ ଶିକ୍ଷୟିତ୍ରୀଶିକ୍ଷକମାନେ ଆଲୋଚନାରେ ଭାଗ ନେଇଥିଲେ। ମୃତ୍ୟୁଞ୍ଜୟ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ।



# ଜୀବନ ବଞ୍ଚିବାର କଳା ପ୍ରକୃତ ନାଟକ

**ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର**

ସମ୍ବଲପୁର, ୩୦।୧୦(ବି.ଶଙ୍କର)

ମଣିଷ ଜୀବନର ପ୍ରତିମୁହୂର୍ତ୍ତରେ କଳାତ୍ମକ ଅଭିନୟ କରୁଛି। ମଣିଷ ଜୀବନଚର୍ଯ୍ୟ ଧାରାକୁ ନେଇ ନାଟକ ରଚିତ ହୋଇଥାଏ । ତେଣୁ ଜୀବନ ବଞ୍ଚିବାର କଳା ହିଁ ପ୍ରକୃତ ନାଟକ । ବୁଧବାର ସମ୍ବଲପୁର ସହର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନଏସସିବି) ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି।

ମହାବିଦ୍ୟାଳୟସ୍ଥିତ ସଭାକକ୍ଷରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଦୁର୍ଲ୍ଲଭ କୁମାର ସାଙ୍କ ସଭାପତିତ୍ୱରେ ଓଡ଼ିଆ ନାଟକ: ଅତୀତ ଓ ସାମ୍ପ୍ରତିକ ଧାରା ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ବିଶିଷ୍ଟ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ ଇଂଲିଶ ବିଭାଗ ପ୍ରଫେସର କେଶରଞ୍ଜନ ପ୍ରଧାନ ମୁଖ୍ୟଅତିଥି, ବିଶିଷ୍ଟ ଲୋକସାହିତ୍ୟ ଗବେଷକ, ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ତଥା ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ. ଦ୍ୱାରିକାନାଥ ନାୟକ ବିଷୟ ବିଶେଷଜ୍ଞ ଭାବେ ଯୋଗଦାନ କରିଥିଲେ। ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ଶ୍ରଦ୍ଧାମୟୀ ପୁରୋହିତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟ ଓଡିଆ ବିଭାଗମୁଖ୍ୟ ସହକାରୀ ପ୍ରଫେସର ଡ. ଶ୍ୟାମ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପାଠଚକ୍ର ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଆ ବିଭାଗର ଅନ୍ୟତମ ସହକାରୀ ପ୍ରଫେସର ଡ. ରଶ୍ମିତା ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ଅଧକ୍ଷ ସା ଆଲୋଚନାଚକ୍ରର ଗୁରୁତ୍ୱ ଏବଂ ଉପାଦେୟତା ବିଷୟରେ ମାର୍ମିକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଶେଷଜ୍ଞ ଡ. ନାୟକ ଓଡ଼ିଆ ନାଟକର ଅତୀତ ଓ ବର୍ତ୍ତମାନ ସ୍ଥିତି ବିଷୟ ଉପସ୍ଥାପନ ଏବଂ ସମ୍ବଲପୁରୀ ନାଟକର ଖ୍ୟାତି ଓ ସମୃଦ୍ଧି ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ପ୍ରଧାନ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ରଠାରୁ ଆରମ୍ଭ କରି ନାଟକକୁ କେଉଁ ଦୃଷ୍ଟିରୁ ପଞ୍ଚମ ବେଦ କହିବା ଯଥାର୍ଥ, ସେ ସମ୍ପର୍କରେ ଚର୍ଚ୍ଚା କରି ଓଡ଼ିଆ ନାଟକ ଉପରେ ଆଲୋଚନା କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅଧାପକ ରୋଶନ ଭୋଇ। ବିଭାଗର ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ବିଷ୍ଣୁପ୍ରିୟା ବାରିକ ଓଡ଼ିଆ ନାଟ୍ୟଧାରା, ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ପ୍ରିୟଙ୍କା ମୁନା ନାଟ୍ୟକାର କାଳୀଚରଣଙ୍କ ରକ୍ତ ମାଟି ନାଟକ: ଏକ ବିଶ୍ଳେଷଣ, ସ୍ନାତକ ତୃତୀୟ ବର୍ଷର ଛାତ୍ରୀ ଡୋଲେଶ୍ୱରୀ ବାଗ ନାଟ୍ୟକାର ବିଜୟ କୁମାର ମିଶ୍ରଙ୍କ କୋକୁଆ ନାଟକ: ଏକ ଅଧ୍ୟୟନ, ସ୍ନାତକ ତୃତୀୟ ବର୍ଷର ଛାତ୍ର ଆଲୋକ କୁମାର ପଣ୍ଡା ନାଟ୍ୟକାର ବିଜୟ ମିଶ୍ରଙ୍କ ତଟ ନିରଞ୍ଜନା : ଏକ ଅନୁଶୀଳନ ଆଦି ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଛାତ୍ରୀ ଅଲିଭା ମେହେର, ଚନ୍ଦ୍ରକାନ୍ତି ସୁନା ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବାବେଳେ ଅଧାପିକା ମେଞ୍ଜା ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପାଠଚକ୍ର ସମ୍ପାଦକ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ର ଶାନ୍ତନୁ କୁମାର ଦାନୀଙ୍କ ସମେତ ଶିବୁ କୁମାର ସ୍ୱାଇଁ, ଜୟାଦେବୀ ବାବୁ, ବିଷ୍ଣୁପ୍ରିୟା ବାରିକ, ଯମୁନା ବାଗ, ପ୍ରତ୍ୟୁଷ ସାହୁ, ଉମା ପାତ୍ର, ନିତୁ ରୋହିଦାସ ପ୍ରମୁଖ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶେଷରେ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ର ହେମନ୍ତ ଖୁଡ଼ିଆ ଘୁବୁକୁଡୁ ବାଦ୍ୟ ପରିବେଷଣ କରିଥିଲେ ।



ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଏବଂ ବକ୍ତାମାନେ।

## ସଂକ୍ଷେପରେ

### ଶ୍ୱଶୁର ହତ୍ୟା ମାମଲା, ଜ୍ୱାଇଁ ନିର୍ଦ୍ଦୋଷରେ ଖଲାସ

କୁଚିଣ୍ଡା,୩୦।୧୦(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା କୁଚିଣ୍ଡା ଅତିରିକ୍ତ ଜିଲା ଦୌରାଜଜ ବୁଧବାର ଶ୍ୱଶୁର ହତ୍ୟା ମାମଲାର ବିଚାର କରି ଜ୍ୱାଇଁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୨୧ରେ ମହୁଲପାଲି ଥାନା କୁସୁମୀ ଗ୍ରାମର ମୀନ ମୁଣ୍ଡାଙ୍କ ଝିଅଙ୍କୁ ପିଣ୍ଟୁ ମୁଣ୍ଡା ପ୍ରେମ ବିବାହ କରିଥିଲେ। ଏହାକୁ ମୀନ ବିରୋଧ କରିବାରୁ ଝିଅ, ଜ୍ୱାଇଁ ଦୀର୍ଘଦିନ ଧରି ବାହାରେ ରହୁଥିଲେ। ପରେ ସେମାନେ ବାପଘରକୁ ଯାଇଥିବା ବେଳେ ମୀନ ସେମାନଙ୍କୁ ବିରୋଧ କରିଥିଲେ। ଏହାକୁ ନେଇ ଶ୍ୱଶୁର ଓ ଜ୍ୱାଇଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉତ୍କ୍ଷିପ୍ତ ହୋଇ ଜ୍ୱାଇଁ ପିଣ୍ଟୁ ଏକ ଠେଙ୍ଗାରେ ଶ୍ୱଶୁର ମୀନଙ୍କୁ ପିଟି ହତ୍ୟା କରିଥିଲେ। ଏ ସମ୍ପର୍କରେ ମୀନଙ୍କ ପଡୋଶୀ ଚନ୍ଦ୍ରମା ଖଡିଆ ମହୁଲପାଲି ଥାନାରେ ରିପୋର୍ଟ କରିବାରୁ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ପିଣ୍ଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୁଚିଣ୍ଡା ଅତିରିକ୍ତ ଜିଲା ଦୌରା ଜଜ କୋର୍ଟରେ ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ମାମଲା ଚାଲିଥିଲା। କୋର୍ଟ ୩୧ଜଣଙ୍କ ସାକ୍ଷୀ ଗ୍ରହଣ କରିଥିଲା। ମାତ୍ର ପ୍ରମାଣ ଅଭାବରୁ ଅଭିଯୁକ୍ତ ପିଣ୍ଟୁଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ ଶର୍ମା ମାମଲା ପରିଚାଳନା କରୁଥିଲେ।

# ସାହିତ୍ୟ ସର୍ଜନା ସହ ଗବେଷଣା ଜରୁରୀ

**କୁଚିଣ୍ଡା କଲେଜରେ ଗଙ୍ଗାଧର ଜୟନ୍ତୀ**



ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ମଞ୍ଚାସୀନ ଅନ୍ୟ ଅତିଥିମାନେ।

କୁଚିଣ୍ଡା,୩୦।୧୦(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ସାଂସ୍କୃତିକ ପରିଷଦ ପକ୍ଷରୁ କଲେଜ ପ୍ରେକ୍ଷାଳୟରେ ବୁଧବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେହେର ସାହିତ୍ୟକୁ ଅନୁସରଣ କରି ସାହିତ୍ୟ ସର୍ଜନା ଓ ଗବେଷଣା କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ରେଙ୍ଗାଲି ସୁରଜମଲ କଲେଜ ଅଧକ୍ଷ ଡ.ମନୋଜ କୁମାର ପଣ୍ଡା ଗଙ୍ଗାଧର ସାହିତ୍ୟରେ ଭାଷା, ସଂସ୍କୃତି ଓ ନାରୀର ସ୍ଥାନ ଏବଂ ମାନବୀୟ ଚେତନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧାପକ ସୁଧାଂଶୁ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ଅଧାପିକା ଡ.ମମତା ସାହୁ ସଭା ପରିଚାଳନା କରିଥିଲେ। ଅଧାପିକା ଗଜମତୀ କୁମୁରା ଧନ୍ୟବାଦ ଅର୍ପଣ କରିଥଲେ।

ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ପୂଜାରାଣୀ ବେହେରା ଗଙ୍ଗାଧରଙ୍କ ଉତ୍କଳଲକ୍ଷ୍ମୀ ଶୀର୍ଷକ ଆଲୋଚନାକୁ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଗଙ୍ଗାଧର ମେହେରଙ୍କ ପର୍ଯ୍ୟବେଶିତ ରଚନା ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସାଂସ୍କୃତିକ ପରିଷଦର ଅନ୍ୟତମ ଉପଦେଷ୍ଟା କିଶୋର ମହାକୁଲ, ଖୁର୍ସିଦାରା ବେଗମ, ସୁଭଦ୍ରା ଦାସ, ଡ.ଦିଲ୍ଲୀପ ନନ୍ଦ, ଡ.ପ୍ରମୋଦ ଦାସ, ପ୍ରମୋଦ ସ୍ୱାଇଁ, କିରଣ ମହାପାତ୍ର, ମଞ୍ଜୁଶ୍ରୀ ଦାସ, ଡ.ସଞ୍ଜୁଶ୍ରୀ ସାହୁ, ମେନକା ନାଏକ, ସାର୍ଥକ ମିଶ୍ର, ପ୍ରଭାସ ଦାସ, ମହାଦେବ ମେହେର, ବେଲମତି କୁମୁରା, ଦିବ୍ୟ ନାଗ, ଭିକାରୀ ଓରାମ, ଦୀପକ ବିଶାଳ ପ୍ରମୁଖ ସହଯୋଗ କରିଥିଲେ।

## ବିକାଶ ପାଇଁ ଜିଲାପାଳଙ୍କୁ ଭେଟିଲେ ଜନପ୍ରତିନିଧି

ସମ୍ବଲପୁର,୩୦।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକରେ ଅଟକି ରହିଥିବା ବିଭିନ୍ନ ବିକାଶ ପ୍ରକଳ୍ପ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳଙ୍କୁ ବୁଧବାର ସାକ୍ଷାତ୍ କରିଛନ୍ତି ଜନ ପ୍ରତିନିଧି। ବିଗତ କିଛିମାସ ହେବ ଯୁଯୋମୁରା ବ୍ଲକର ୧୮ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟଗୁଡିକ ବିଭିନ୍ନ କାରଣରୁ ଆଗେଇ ପାରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ବ୍ଲକ୍ କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ ମଧ କୋଣସି ସୁଫଳ ମିଳୁନାହିଁ। ଏଣୁ ଏହାର ସମାଧାନ ପାଇଁ ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିମାନେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ସାକ୍ଷାତ୍ କରି ଆଲୋଚନା କରିଛନ୍ତି। ଏଥିରେ ବ୍ଲକ ଅଧକ୍ଷା ମମତା ନାୟକ, ଉପାଧକ୍ଷା ମନ୍ଦାକିନୀ ବିଶ୍ୱାଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ସାମିଲ ରହିଥିଲେ। ସାକ୍ଷାତ ପରେ ଜିଲାପାଳ ଏନେଇ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ଏବଂ ବିଡ଼ିଓ ବିଜୟ ସଏଙ୍କୁ ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଦେବାଶିଷ



@ ରତ୍ନାକର



@ ସୌମ୍ୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲା ପ୍ରକଳ୍ପ ପରିଚାଳନା ବିଭାଗର ତ୍ରୈମାସିକ ବୈଠକ

ସମ୍ବଲପୁର,୩୦।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ପ୍ରକଳ୍ପ ପରିଚାଳନା ବିଭାଗର ତ୍ରୈମାସିକ ବୈଠକ ବୁଧବାର ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସିଡିଓ ତଥା ଇଓ ଧର୍ମେନ୍ଦ୍ର ମଲ୍ଲିକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଫାଉଣ୍ଡେଶନ ସାକ୍ଷରତା ଓ ସଂଖ୍ୟା ବିଜ୍ଞାନ (ଏଫଏଲ୍‌ଏନ), ଏଫଏଲଏନ ଦକ୍ଷତା, ସାକ୍ଷରତା କିଟ୍, ପ୍ରତି ବ୍ଲକରେ ସ୍ଥାପିତ ଏଫ୍‌ଏଲ୍‌ଏନ ସ୍କୁଲ୍, ଏଫଏଲଏନ ତାଲିମ, ପ୍ରୟୋଗ ପ୍ରଶିକ୍ଷଣ, ବାଲ ବାଟିକା ଲାବ୍ରୋଟେରି ସୃଷ୍ଟି ଉପରେ କର୍ମଶାଳା, ଏଫଏଲଏନ ଗ୍ରେଡ ପାଇଁ ଜାଦୁଇ ପିଟାରାର ଶିକ୍ଷଣ-ଶିକ୍ଷକ ସାମଗ୍ରୀର ବିକାଶ, ମଡେଲ ସ୍କୁଲ ପାଇଁ ସମ୍ବଳ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା, ଶ୍ରେଣୀଗୃହ ପର୍ଯ୍ୟବେକ୍ଷଣ, ପରାଖ ରାଷ୍ଟ୍ରୀୟ ସର୍ଭେକ୍ଷଣ, ଏଫଏଲ୍‌ଏନ ଆସେସମେଣ୍ଟ ଟ୍ରାକର ରେଜିଷ୍ଟର ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ସିଡିଏମ୍‌ଓ ଡାକ୍ତର ସୁଜାତାରାଣୀ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ, ବ୍ଲକ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ସିଡିପିଓ ମିନତି ପାଣିଗ୍ରାହୀ, ମୁଖ୍ୟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଗୀତାଞ୍ଜଳି ଭୋଇଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଜିଲାପାଳଙ୍କ ସହ କୃଷକ ସଙ୍ଗଠନର ଆଲୋଚନା

**ନଭେମ୍ବର ୬ରେ ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକ**

ସମ୍ବଲପୁର,୩୦।୧୦(ଭବାନୀ ଶଙ୍କର ଭୋଇ)

ଆଉ କିଛି ଦିନ ମଧ୍ୟରେ ଜିଲାରେ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବ। ତେବେ ବିଗତ ଦିନରେ ଧାନ ସଂଗ୍ରହରେ ରହି ଆସିଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରିବା ପାଇଁ ବୁଧବାର ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଙ୍ଗଠନର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଆଲୋଚନା କରିଛି। ଜିଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସଙ୍ଗଠନର କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟି ଧାନ କ୍ରୟ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଆଗାମୀ ୬ ତାରିଖରେ ଧାନକ୍ରୟ ନେଇ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ତେବେ ଧାନ ବିକ୍ରୟ ପାଇଁ ଟୋକନ ବ୍ୟବସ୍ଥାକୁ ସରଳ କରିବା, କଟ୍‌ନୀ ଛଟ୍‌ନୀକୁ ବନ୍ଦ କରିବା, ଠିକ୍ ସମୟରେ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନ କରିବା ନେଇ ଜିଲାପାଳଙ୍କୁ ଚାଷୀମାନେ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ କୃଷକ ସୁରକ୍ଷା ସଙ୍ଗଠନ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ ଉପସ୍ଥିତ ଥିଲେ।

## ଗୋବିନ୍ଦଟୋଲାରେ ମାଷ୍ଟର ଡ୍ରେନେଜ ପ୍ଲାନ୍ ପାଇଁ ବୈଠକ

ସମ୍ବଲପୁର,୩୦।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଗୋବିନ୍ଦଟୋଲା ଗୋଷ୍ଠୀ କେନ୍ଦ୍ରଠାରେ ବୁଧବାର ମାଷ୍ଟର ଡ୍ରେନେଜ ପ୍ଲାନକୁ ନେଇ ୱାର୍ଡସ୍ତରୀୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାନଗର ନିଗମର ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, ମାଷ୍ଟର ଡ୍ରେନେଜ ପ୍ଲାନକୁ କାର୍ଯ୍ୟକାରୀ କରୁଥିବା ଠିକାସଂସ୍ଥା ପ୍ରତିନିଧି, ସ୍ଥାନୀୟ ୱାର୍ଡ ଅଫିସର ସ୍ମିତାରାଣୀ ଗୁରୁ ଉପସ୍ଥିତ ଥିଲେ। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ମୋଟ ୪୧ଟି ୱାର୍ଡ ରହିଥିବା ବେଳେ ବିଶେଷଜ୍ଞ ଟିମ୍ ସହ ପ୍ରତିଦିନ ୱାର୍ଡସ୍ତରୀୟ ପରାମର୍ଶ ବୈଠକ ଅନୁଷ୍ଠିତ କରାଯାଉଛି। ବୈଠକରେ ସ୍ଥାନୀୟ ଗୋବିନ୍ଦଟୋଲା, ଆମ୍ବେଦକର, ପୁଟିବନ୍ଧ, ଡୁରିପଡା, ଗୌରପଡା, ଶୀବନଗର, ଧନୁପାଲି ଅଞ୍ଚଳବାସିନ୍ଦା ଉପସ୍ଥିତ ଥିଲେ। ନିୟମିତ ଡ୍ରେନ ସଫେଇ, ହରଡ ଯୋର କଡରେ ଗାଡୱାଲ ଦେବା ଆଦି ବିଷୟରେ ସ୍ଥାନୀୟ ଲୋକେ ମହାନଗର ନିଗମକୁ ଦାବି କରିଥିଲେ। ଏହାସହ ପ୍ରତି ପଡାରେ ଡ୍ରେନ ଏବଂ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ମାଷ୍ଟର ଡ୍ରେନେଜ ପ୍ଲାନରେ ସାମିଲ କରିବାକୁ ଅଞ୍ଚଳବାସିନ୍ଦା ପରାମର୍ଶ ଦେଇଥିଲା। ବୈଠକରେ ଦିଲୀପ ମହାନନ୍ଦ, ରାଜାରାମ ପାଢୀ, ଗୁନୀ ହାତୀ, ଭାରତୀ ମହାନନ୍ଦ, ପ୍ରଶାନ୍ତ ପଣ୍ଡା, ନିଲିମା ମହାନନ୍ଦ, ସବିତା ମାଝୀ, ଖତିଜା ଖାନ, ରଜନି ମହାନନ୍ଦ ଉପସ୍ଥିତ ଥିଲେ।

## ଫାଷ୍ଟଏଡ୍ ଚିକିତ୍ସା ତାଲିମ ଶିବିର

ନାକଟିଦେଉଳ,୩୦।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୟୁଥ ରେଡ଼କ୍ରସ ପକ୍ଷରୁ ବୁଧବାର ଅନୁଷ୍ଠାନ ପରିସରରେ ଏକଦ୍ୱିବସୀୟ ପ୍ରାଥମିକ ଚିକିତ୍ସା ତାଲିମ ଶିବର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷା ସୁଶ୍ରୀତା ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ୟୁଥ ରେଡ଼କ୍ରସ ସମ୍ବଲପୁର ଜିଲା ସଂଯୋଜକ ତଥା ରେଢାଖୋଲ ଭୀମଭୋଇ ମହାବିଦ୍ୟାଳୟ ଅଧାପକ ଅଞ୍ଜନ କୁମାର ମିଶ୍ର ଯୋଗଦେଇ ରେଡ଼କ୍ରସର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମାଷ୍ଟର ଟ୍ରେନରଭାବେ ଅଧାପକ ଉଦ୍ଧବ ପ୍ରଧାନ ଯୋଗଦେଇ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଥିଲେ । କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୟୁଥ ରେଡ଼କ୍ରସ କାଉନସେଲର ଶିକ୍ଷା ବିଭାଗ ଅଧାପିକା ସ୍ୱାଗତିକା ମୁଦୁଲି ଏବଂ କ୍ରୀଡ଼ା ଶିକ୍ଷକ ସୁରେଶ ପାତ୍ର ଶିବିର ସଂଯୋଜନା କରିଥିଲେ। ଅଧାପକ କୌଶିକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।





ଶିବିରରେ ଅତିଥି, ଅଧାପକ, ଟ୍ରେନର ଓ ବିଦ୍ୟାର୍ଥୀମାନେ।

# ବାର୍ହା ଲାଗି ବିଛାଯାଇଥିବା ବିଦ୍ୟୁତ୍ ତାର ସ୍ପର୍ଶରେ ଯୁବକ ମୃତ

**ଅଭିଯୁକ୍ତଙ୍କୁ ଗିରଫ, କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ନାକଟିଦେଉଳ,୩୦।୧୦(ବୈକୁଣ୍ଠନାଥ ସାହୁ)

ବାର୍ହା ଶିକାର ପାଇଁ ବିଛା ଯାଇଥିଲା ଜୀବନ୍ତ ବିଦ୍ୟୁତ୍ ତାର। ଏହା ସଂସ୍ପର୍ଶରେ ଆସି ଯାଇଛି ଜଣେ ଯୁବକଙ୍କ ଜୀବନ। ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମଙ୍ଗଳବାର ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସାଲେଭଟା ପଞ୍ଚାୟତ ଅନ୍ତର୍ଗତ ବସାଲୋଇ ଗ୍ରାମରେ ଏଭଳି ଘଟଣା ଘଟିଛି। ମୃତକ ହେଲେ ନେଭରାପାଳ ଗ୍ରାମ ନିକଟ ବଡ଼ଝରଣ ଗ୍ରାମର ଭକ୍ତ ନାଏକ(୪୫)। ଆହତ ସେହି ଗ୍ରାମର କିଶୋରୀ ଗଡ଼ନାୟକ ଓ ବାସୁ ଗରିଆ। ଏହି ଘଟଣା ଜଣାପଡିବା ପରେ ବସାଲୋଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ, ବିଦ୍ୟୁତ୍ ତାର ବିଛାଇଥିବା ଶିକାରୀଙ୍କୁ ଗିରଫ କରିବାକୁ ଦାବି କରି ରାସ୍ତାରୋକୋ କରିଥିଲେ।

ସୂଚନା ଅନୁସାରେ ବାର୍ହା ଶିକାର କରିବା ପାଇଁ ନେଭରାପାଳ-ବାସାଲୋଇ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଶିକାରୀ ବିଦ୍ୟୁତ୍ ତାର ବିଛାଇଥିଲେ। ରାତି ପ୍ରାୟ ୯ଟାରେ ବଡ଼ଝରଣ ଗ୍ରାମର ଭକ୍ତ, କିଶୋରୀ ଓ ବାସୁ ଏକ ବାଇକରେ ବସାଲୋଇ ଗ୍ରାମ ଅଭିମୁଖେ ଆସୁଥିବାବେଳେ ତଳେ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଏଥିରେ ଭକ୍ତଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ନାକଟିଦେଉଳ ପୋଲିସ ମୃତଦେହ ଜବତ କରି ବୁଧବାର ସକାଳେ ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ଅପରାହ୍ନ ପ୍ରାୟ ୧ଟାରେ ମୃତଦେହ ଗ୍ରାମକୁ ନିଆ ଯାଉଥିବା ବେଳେ ନେଭରାପାଳ, ବସାଲୋଇ ଏବଂ ବଡ଼ଝରଣ ଗ୍ରାମର ଶତାଧିକ ଲୋକେ ନେଭରାପାଳ-ବାସାଲୋଇ ରାସ୍ତା ଅବରୋଧ କରିଥିଲେ। ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ ସହ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଥିଲେ। ଖବର ପାଇ ରେଢାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ନାକଟିଦେଉଳ ଥାନା ଆଇଆଇସି ଝସକେତନ ଭୋଇ, ତହସିଲଦାର ଅମର ଜେ. ଡୁଙ୍ଗଡୁଙ୍ଗ, ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ରେଡ଼କ୍ରସ ତରଫରୁ ୧୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହା ସହ ଘଟଣାର ତଦନ୍ତ କରାଯାଇ ବିଦ୍ୟୁତ୍ ତାର ବିଛାଇଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ଏସଡ଼ିପିଓ ମେହେର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଫଳରେ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।



ପୋଲିସ ଓ ଅଧିକାରୀମାନେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ରାମନାମ କଥାମୃତରେ କମ୍ପିଲା ଶାନ୍ତିନଗର



**କୋକସରା,୩୦।୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଶାନ୍ତିନଗର ହନୁମାନ ମନ୍ଦିର ପ୍ରାଙ୍ଗଣରେ ସୁଷମା ମଞ୍ଜରୀ ଦେବୀଙ୍କ ସ୍ମୃତିରେ ଶ୍ରୀ ରାମ ଚରିତ ମାନସ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ପ୍ରବଚକ ଆଶୀର୍ବାଦ ଜୀ ମହାରାଜ (କଟକ)ଙ୍କ ଦ୍ୱାରା ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ରାମ ନାମରେ ମଜ୍ଜିଯାଇଥିଲେ। ଏଥିରେ ମିତ୍ରଭାନୁ ପାଙ୍ଗଯୋଷୀ, ସୁବ୍ରତ ରଞ୍ଜନ ପାଙ୍ଗଯୋଷୀ, ଝରଣିକା ପାଙ୍ଗଯୋଷୀ, ସୁଜଜ୍ଞ ରଞ୍ଜନ ପାଙ୍ଗଯୋଷୀ, ସ୍ୱପ୍ନେଶ୍ୱରୀ ପାଙ୍ଗଯୋଷୀଙ୍କ ସମେତ ହନୁମାନ ମନ୍ଦିର ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

# ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି

ଭବାନୀପାଟଣା,୩୦।୧୦ (ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ବୁଧବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୁର୍ନୀତି ନିବାରଣ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ, ଜିଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀଙ୍କୁ ନେଇ ଜିଲା କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପରେ ଜିଲାପାଳ ପ୍ରକାଶଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ବକ୍ତା ଭାବରେ ଡ. ଉମେଶ ଚନ୍ଦ୍ର ଶତପଥୀ ଯୋଗଦେଇ ଦୁର୍ନୀତି ନିବାରଣ ସପ୍ତାହ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି ବୋଲି ଉଲ୍ଲେଖ କରିଥିଲେ। ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ। ସମସ୍ତେ ସଚେତନ ହୋଇ ଏକ ସଶକ୍ତ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ସେବା ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ,



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଜିଲାପାଳ ସମସ୍ତ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଚେତା ପାଣି, ଜିଲା ପଞ୍ଚାୟତ ଅଧକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର, ଉପ ଆରକ୍ଷୀ ଅଧୀକ୍ଷକ ଦୁର୍ନୀତି ନିବାରଣ ବିଭାଗ ପ୍ରଦୀପ କୁମାର ଆଇନ୍ଦ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି ଜିଲାପାଳ ଚନ୍ଦ୍ରଦାସ ମହାନନ୍ଦିଆ, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଜୁନାଗଡ଼ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ

ଜୁନାଗଡ଼, ୩୦।୧୦(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ କଳାବିକାଶ କେନ୍ଦ୍ର ପରିସରରେ ବୁଧବାର ଜୁନାଗଡ଼ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ହିମାଂଶୁ ବରାଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପରେ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଖଗେଶ୍ୱର ଧଙ୍ଗଡ଼ାମାଝି, ଉପସଭାପତି ସୁନ୍ଦର ମୋହନ ଛତ୍ରିଆ ଓ ଆଦିତ୍ୟ ମହାନ୍ତି, ସମ୍ପାଦକ ରବି ଶଙ୍କର ସୁନାନୀ, ସହ ସମ୍ପାଦକ ସୁନୀଲ କୁମାର ସିଂହ, କୋଷାଧ୍ୟକ୍ଷ ଭାବେ ରଜନୀକାନ୍ତ ମିଶ୍ର ଚୟନ ହୋଇଛନ୍ତି। ଉପଦେଷ୍ଟା ଭାବେ ସନ୍ତୋଷ ସିଂହଦେଓ, ହିମାଂଶୁ ବରାଡ଼, ଚମ୍ପକ ଅଗ୍ରୱାଲ, ନରେନ୍ଦ୍ର କ୍ଷୀତି, ମୁକେଶ ଅଗ୍ରୱାଲ ପ୍ରମୁଖ ମନୋନୀତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ କଳାହାଣ୍ଡି ଜିଲାର ସାଧାରଣ ସମ୍ପାଦକ ସନ୍ତୋଷ ସିଂହଦେଓ ଦାୟିତ୍ୱ ତୁଲାଇଥିଲେ। ବ୍ୟୋମକେଶ ପୁରୋହିତ, କୁମରମଣି ଦୁର୍ଗା, ରାକେଶ ବେମାଲ, ଅଂଶୁମାନ ଯୋଶୀ, ଆଶିଷ ଗୋଏଲ, ରୋହିତ ବାଗ, ଭୋକରଧନ ଧଙ୍ଗଡ଼ାମାଝି ପ୍ରମୁଖ ସଦସ୍ୟ ଭାବେ ଯୋଗଦେଇଥିଲେ। ଶେଷରେ ପୂର୍ବତନ ସଭାପତି ହିମାଂଶୁ ବରାଡ଼ ଧନ୍ୟବାଦ ଅର୍ପଣ କରିଥିଲେ।


ଚୟନ ହୋଇଥିବା ସଂଘର ନୂତନ କର୍ମକର୍ତ୍ତା।

### ତଳବନ୍ଧ ପଡ଼ାରେ ଦୀପାବଳି ପର୍ବର ଶୁଭାରମ୍ଭ

**ଥୁଆମୂଳ ରାମପୁର,୩୦।୧୦ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମା ତଳବନ୍ଧ ପଡ଼ାରେ ବୁଧବାର କଳସ ଯାତ୍ରା ସହିତ ଦୀପାବଳୀ ଉତ୍ସବ ଶୁଭାରମ୍ଭ ହୋଇଛି। ପ୍ରଥମେ ମା'ବେଙ୍ଗଟି ଦେବୀଙ୍କ ମସ୍ତକ ସ୍ଥାପନ ପରେ ବଡ଼ ପୂଜକଙ୍କ ଘରୁ ମା'ଙ୍କ ବିଭିନ୍ନ ଅସ୍ତ୍ରଶସ୍ତ୍ର ସହ ମୁଖ୍ୟ ଖଣ୍ଡା ଆଣି ମାର୍ଜନା ପରେ ମନ୍ଦିରରେ ସ୍ଥାପନ କରାଯାଇଥିଲା। ପରେ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ପଡାର ମହିଳାପୁରୁଷ ସାମିଲ ହୋଇଥିଲେ। ପ୍ରଥମ ଦିବସ ରାତ୍ରରେ ଦର୍ଶକଙ୍କ ମନୋରଞ୍ଜନ ସକାଶେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ମା' ବୀଣାପାଣି ଗୁଲେଲ ଦଣ୍ଡ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଦ୍ୱିତୀୟ ଦିବସରେ ଦୀପାବଳି ପର୍ବ ପାଳନ ସହ ବାବା ଭୈରବ ଦେବଙ୍କ କଣ୍ଟା ଦୋଳି ଝୁଲା ଏବଂ ଗଦିଆ ବସା ସମେତ ଅଗ୍ନିପରୀକ୍ଷା ଅନୁଷ୍ଠିତ ହେବ। ଚଳିତବର୍ଷ ନୂଆ କାଳିଶି ବିଦ୍ୟାଧର ନାଏକ ଅଗ୍ନି ପରୀକ୍ଷା ଦେବେ।

### ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଗୋଲାମୁଣ୍ଡା,୩୦।୧୦(ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ମହାଲିଙ୍ଗଠାରେ ସହକାରୀ ଶିକ୍ଷକ ସାରଙ୍ଗ ସାହୁଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପଟ୍ଟାୟତ ସାହୁ ମୁଖ୍ୟ ଅତିଥି, ଗୁରୁଶ୍ରୀ ଘାସିରାମ ମିଶ୍ର ମୁଖ୍ୟବକ୍ତା, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ନବକିଶୋର ସାହୁ, ସଭାପତି ରାଜେଶ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ତଥା ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ସନତ କୁମାର ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ଟଙ୍କଧର ସୁନାନି ସହଯୋଗ କରିଥିଲେ। ଶିକ୍ଷକ ସାହୁ ଏହି ବିଦ୍ୟାଳୟରେ ୧୯୮୪ରେ ନିଯୁକ୍ତି ପାଇ ଆଜି ପର୍ଯ୍ୟନ୍ତ କାର୍ଯ୍ୟତୁଲାଇ ଆସୁଥିଲେ।


ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# ବିଭିନ୍ନ ବିଭାଗରେ ଦୁର୍ନୀତି ଅଭିଯୋଗ ଆଣିଲେ ସଭ୍ୟ


ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

ଲାଞ୍ଜିଗଡ଼,୩୦।୧୦(ରମେଶ ଚନ୍ଦ୍ର ନାୟକ)

**ଲାଞ୍ଜିଗଡ ନବମ ପଞ୍ଚାୟତ ସମିତି ବୈଠକ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ପଞ୍ଚାୟତ ସମିତିର ନବମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଳାହାଣ୍ଡି ଏମ୍‌ପିଙ୍କ ପ୍ରତିନିଧି ଭାଗୀରଥି ଧଙ୍ଗ, ଲାଞ୍ଜିଗଡ ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ଜିଲା ପରିଷଦ ସଦସ୍ୟ ଅଞ୍ଜଳି ମାଝୀ, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ବିଡିଓ ଶଶାଙ୍କ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ଅଧିକାରୀ ପ୍ରଦୀପ କୁମାର ଠାକୁର ପୂର୍ବ ବୈଠକର ବିବରଣୀ ପାଠ କଲା ପରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି, କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଆଦି ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଆସୁଥିବାବେଳେ ଏଥିରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ ଆଣିଥିଲେ ସଭ୍ୟମାନେ। ସେହିପରି ପୂର୍ତ୍ତ, କ୍ଷୁଦ୍ର ଜଳସେଚନ ବିଭାଗରେ ମଧ ବଡ଼ ଧରଣର ଦୁର୍ନୀତି ହେଉଥିବା ବେଳେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ରଖିଥିଲେ ସଦସ୍ୟ। ଏଥିରେ ବ୍ଲକର ୨୬ ପଞ୍ଚାୟତର ସରପଞ୍ଚ ଓ ସମିତି ସଦସ୍ୟ, ସଦସ୍ୟା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କନିଷ୍ଠ ଯନ୍ତ୍ରୀ ସ୍ମିତାରାଣୀ ବିଶ୍ୱାଳ, ଗ୍ରାମ୍ୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ଦଶମତ ମାଝି ସହଯୋଗ କରିଥିଲେ। ବୈଠକ ପରେ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ତରଫରୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ୮୨ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା।

### ମହାରାଷ୍ଟ୍ରରୁ ନିଖୋଜ ମହିଳା ନୂଆପଡ଼ାରୁ ଉଦ୍ଧାର

ନୂଆପଡ଼ା,୩୦।୧୦ (ମକାରୁ ବେମାଲ)

ମହାରାଷ୍ଟ୍ରରୁ ନିଖୋଜ ହୋଇଥିବା ମହିଳାଙ୍କୁ ମଙ୍ଗଳବାର ସଖୀ ପକ୍ଷରୁ ନୂଆପଡ଼ାରୁ ଉଦ୍ଧାର କରାଯାଇଛି। ସୂଚନା ମୁତାବକ ଗତ ୨୬ରେ ନୂଆପଡ଼ା ପୋଲିସ ସହରରେ ଏଣେତେଣେ ବୁଲୁଥିବା ଜଣେ ମହିଳାଙ୍କୁ ଉଦ୍ଧାର କରିଥିଲା। ମହିଳା ଜଣକ ସାମାନ୍ୟ ମାନସିକ ବିକୃତ ବୋଲି ଜଣାପଡିବାରୁ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ୱାନ୍ ଷ୍ଟପ୍ ସେଣ୍ଟର (ସଖୀ) ଜିମା ଦେଇଥିଲା। ପରେ ସଖୀର ମୁଖ୍ୟ ତପସ୍ୱିନୀ ପଣ୍ଡା ଖବର ନେଇ ମହିଳା ଜଣକ ମହାରାଷ୍ଟ୍ରର ବୋଲି ଜାଣିପାରିଥିଲେ। ପରିବାର ଲୋକଙ୍କୁ ଡକାଇ ମଙ୍ଗଳବାର ପୋଲିସ ଉପସ୍ଥିତିରେ ମହିଳାଙ୍କୁ ହସ୍ତାନ୍ତର କରାଯାଇଛି। ମହିଳାଙ୍କୁ ପାଇ ପରିବାର ଲୋକେ ଖୁସି ଜାହିର କରିବା ସହ ସଖୀର ସମସ୍ତ କର୍ମକର୍ତ୍ତା ଓ ନୂଆପଡ଼ା ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି ।

# ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ଖଡ଼ିଆଳ,୩୦।୧୦(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଲକ୍ଷ୍ମୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ୮ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ କୋଟିପଦର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ ସିଆର୍‌ସିସି ଖଗେଶ୍ୱର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ ମୁଖ୍ୟ ଅତିଥି, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା, ଲକ୍ଷ୍ମୀପୁର ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପରମେଶ୍ୱର ବାରିକ, ଲକ୍ଷ୍ମୀପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ବାରିକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ବିଭିନ୍ନ ଶିକ୍ଷା ପଦ୍ଧତି ଉପରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସୂଚନା ଦେଇଥିଲେ। ବୈଠକରେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଚଳାନ, ସ୍ୱର୍ଣ୍ଣପ୍ରଭା ସାହୁ, ରୀନା ସିଂ, ପଦ୍ମା ଜଗତ, ଜୟାନନ୍ଦ ମାଝି, ଭୁବନ ତାଣ୍ଡି, ନିଲମ ସିଂ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।



ବୈଠକରେ ଯୋଗଦେଇଥିବା ଅତିଥିଗଣ।

# ରାଇସ୍ ମିଲ୍‌କୁ ବେଆଇନ ରାସ୍ତା ନିର୍ମାଣ

**ଉଚ୍ଛେଦ ପାଇଁ ଜିଲାପାଳଙ୍କୁ ଅଭିଯୋଗ**

କେସିଙ୍ଗା,୩୦।୧୦(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଶିରୋଲ ଗ୍ରାମ ପଞ୍ଚାୟତ ଅଧୀନ ଶିରୋଲ ମୌଜାରେ ଏକ ରାଇସ ମିଲକୁ ସରକାରୀ ଗୋଚର ଓ ମୁଣ୍ଡା କିସମ ଜମି ଉପରେ ବେନିୟମ ଭାବେ ରାସ୍ତା ନିର୍ମାଣ କରାଯାଇଥିବାରୁ ଏହାକୁ ଉଚ୍ଛେଦ ପାଇଁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କାଣ୍ଡେଲ-ଡୁମେରମୁଣ୍ଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଠାରୁ ଉକ୍ତ ରାଇସ ମିଲକୁ ସଂଯୋଗ ହୋଇଥିବା ରାସ୍ତା ରାଜସ୍ୱ ବିଭାଗର ବିନା ଅନୁମତିରେ ନିର୍ମାଣ କରାଯାଇଛି। ଜିଲାପାଳ ଏହାର ତଦନ୍ତ କରି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏକ ବାଡା ନିର୍ମାଣ କରି ରାସ୍ତା ବନ୍ଦ କରିବା ପାଇଁ ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ଶିରୋଲ ରାଜସ୍ୱ ନିରୀକ୍ଷକ ଲୋହିତ ବରଗିଙ୍କୁ ପଚାରିବାରୁ ସେ ନୂଆ କରି ଶିରୋଲ ରାଜସ୍ୱ କାର୍ଯ୍ୟାଳୟରେ ଯୋଗଦାନ କରିଛନ୍ତି, ତାଙ୍କ ନିକଟକୁ ତଦନ୍ତ ପାଇଁ କିଛି ଅଭିଯୋଗ ଆସିନାହିଁ, ଆସିଲେ ତଦନ୍ତ କରି ତହସିଲଦାରଙ୍କୁ ରିପୋର୍ଟ ଦେବେ ବୋଲି ପ୍ରକାଶ କରିଥିଲେ।


ସରକାରୀ ଜମିରେ ରାସ୍ତା ନିର୍ମାଣ।

### ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ

**ଭବାନୀପାଟଣା, ୩୦।୧୦ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାସ୍ତରୀୟ ଓ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ବୁଧବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଅଧ୍ୟକ୍ଷତା କରିଥିଲେ। କୌଣସି ବିପର୍ଯ୍ୟୟ ହେଲେ ତାହାର ମୁକାବିଲା କିପରି କରାଯାଇପାରିବ ସେ ନେଇ ମିଳିତ ଭାବେ କାର୍ଯ୍ୟନିର୍ବାହ କରିବା ପାଇଁ ଆଲୋଚନା କରାଯାଇଥିଲା। ଜିଲାରେ ଥିବା ୪ ଗୋଟି ବହୁମୁଖୀ ଆଶ୍ରୟସ୍ଥଳୀ ଓ ଅନ୍ୟାନ୍ୟ ସୁରକ୍ଷିତ ଆଶ୍ରୟସ୍ଥଳୀର ଚିହ୍ନଟ, ଉପଯୁକ୍ତ ରକ୍ଷଣାବେକ୍ଷଣ, ପ୍ରତି ଉପଖଣ୍ଡ/ବ୍ଲକରେ ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ ସହ ଉପଯୋଗୀ ଯୋଗାଯୋଗ ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ଶେଷ ପର୍ଯ୍ୟାୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାର ଦୁଇ ଜଣ ଆଗ୍ନିକ ଉମାକାନ୍ତ ବାଗ ଓ ବବ୍‌ଲୁ ସେନ୍ଦ୍ରଆଙ୍କୁ ନିଷ୍ଠାପର ସେବା ପାଇଁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ପଲମ,୩୦।୧୦ (ଭିକାରୀ ଗଉଡ଼)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ପଲମରେ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନର୍ଲା ବିଧାୟିକା ମନୋରମା ମହାନ୍ତି ଓ ବିଜେଡି କର୍ମୀମାନେ ଦୁର୍ଗାମଣ୍ଡପଠାରେ ଏକତ୍ରିତ ହୋଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ବିଧାୟିକା ମହାନ୍ତି ଗତ ସରକାରଙ୍କ ଜନକଲ୍ୟାଣ ଯୋଜନା ଓ ବର୍ତ୍ତମାନର ମୋହନ ସରକାରଙ୍କ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ନର୍ଲା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ବରିଷ୍ଠ ବିଜେଡି କର୍ମୀ ନାଗୁ ସାହୁ, ଉଦ୍ଧବ ସାହୁ, ବିଦେଶୀ ସାହୁ, ତିଲେଶ୍ୱର ଗଉଡ଼, ଗୌର ସାହୁ, ସୁନୀଲ ସାହୁ, କୈଳାସ ସାହୁ, କୈଳାସ ଗହୀର ପ୍ରମୁଖ ଯୋଗଦେଇ ପଦଯାତ୍ରା ସଫଳ କରିଥିଲେ।



ପଦଯାତ୍ରାରେ ସାମିଲ ହୋଇଥିବା ଦଳୀୟ ନେତା ଓ କର୍ମୀ।

# ରାଜ୍ୟସ୍ତରୀୟ ଇଣ୍ଟର କଲେଜ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଭବାନୀପାଟଣା/ଜୁନାଗଡ଼,୩୦।୧୦ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ବୁଧବାର ରାଜ୍ୟସ୍ତରୀୟ ଇଣ୍ଟର କଲେଜ (୧୯ବର୍ଷରୁ କମ୍) ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜୁନାଗଡ଼ ପିଆଇ କଲେଜ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ରାଜ୍ୟର ୩୨ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ପିଆଇ କଲେଜ ଅଧ୍ୟକ୍ଷ ବିଭୂତି ଭୂଷଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ବ୍ଲକ୍ ଅଧ୍ୟକ୍ଷା ସବିତା ମେହେର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ଏନ୍‌ଏସି ଭାରପ୍ରାପ୍ତ ଅଧ୍ୟକ୍ଷା ହିମାଦ୍ରି ନାଏକ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଚୟନକର୍ତ୍ତା ଡ. ରମେଶ ଚନ୍ଦ୍ର ସ୍ୱାଇଁ, ପର୍ଯ୍ୟବେକ୍ଷକ ଅଭୟ କୁମାର ବାଗ, ଜୁନାଗଡ଼ ବ୍ୟାଡ୍‌ମିଣ୍ଟନ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପଣ୍ଡା, ସାଙ୍ଗଠନିକ ସମ୍ପାଦକ କୈଳାସ ଚନ୍ଦ୍ର ମେହେର, ଇତିହାସ ପ୍ରାଧ୍ୟାପିକା ସାଗରିକା ଦାସ, ଅର୍ଥନୀତି ପ୍ରାଧ୍ୟାପକ ଆଦିତ୍ୟ କୁମାର ଖମାରି, ଖେଳ ଅଧ୍ୟାପକ ସମୀର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଆ ଅଧ୍ୟାପକ ବିଶ୍ୱରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିଲେ। ଆସନ୍ତା ୨ଦିନ ଧରି ଏହି ଟୁର୍ନାମେଣ୍ଟ ଚାଲିବ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଗଣ।

# ଭାରତ ବନ୍ଦର ପ୍ରଭାବ: ମୋଟେର ଛକରେ ରାସ୍ତାରୋକୋ

କୋକସରା,୩୦।୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ଓ ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବୁଧବାର ଓବିସିମାନଙ୍କ ଜାତି ଆଧାରିତ ଜନଗଣନା, ଓବିସିଙ୍କ ଉପରେ ଲାଗୁ ହୋଇଥିବା କ୍ରିମିଲେୟାରକୁ ହଟାଇବା, ଏସ୍‌ସି ଏସ୍‌ଟିଙ୍କ ଉପରେ କ୍ରିମିଲେୟାର ଲଗାଇବାକୁ ସୁପ୍ରିମକୋର୍ଟ ନିଷ୍ପତ୍ତିକୁ ପ୍ରତ୍ୟାହାର ଆଦି ଦାବି ନେଇ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି କ୍ରମରେ କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଛକରେ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ଜିଲା ସଭାପତି ଆଦିତ୍ୟ ହଂସ, ସମ୍ପାଦକ କ୍ଷୀରସିନ୍ଧୁ ବୋଡ଼କିଆ, ଭାରତ ମୁକ୍ତି ମୋର୍ଚ୍ଚା ଜିଲା ସଭାପତି ମାଧବ ସୁନାନୀ, ଜଳନ୍ଧର ନାଏକ, ଚିତ୍ତ ଯାଦବ, ନିର୍ମଳ ଜାଲ, ବଳଦେବ ଜାଲ, ସୂର୍ଯ୍ୟକେତୁ ଶବର, ରବି ବେହେରା ପ୍ରମୁଖ କର୍ମକର୍ତ୍ତା ସକାଳ ୭ଟାରୁ ଜାତୀୟ ରାଜପଥ ୨୬ ଅବରୋଧ କରି ରଖିବା ସହ ନାରାବାଜି କରିଥିଲେ। ଫଳରେ ଭବାନୀପାଟଣା ଜୟପୁର, ମୁଖିଗୁଡା ମଧ୍ୟରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ କୋକସରା ଥାନା ଏସ୍‌ଆଇ ହେମନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ରାସ୍ତା ଅବରୋଧ ହଟିବା ପରେ ଗାଡି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।



ରାସ୍ତା ଅବରୋଧ କରାଯାଇଛି।

## ସଂକ୍ଷେପରେ

### ଡୁମୁରୀ ୟୁପି ସ୍କୁଲରେ କ୍ଲଷ୍ଟରସ୍ତରୀୟ ବୈଠକ



ଅମରପାଲି,୩୦।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଂହା କ୍ଲଷ୍ଟରସ୍ତରୀୟ ବୈଠକ ଡୁମୁରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଅନନ୍ତ ତାଣ୍ଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜଟେସିଂହା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଯୋଗଦାନ କରିଥିଲେ। ବଡ ଖମାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାସ ବିହାରୀ ମେହେର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ବୈଠକକୁ ଉଦ୍‌ଘାଟନ କରିଥିଲେ। ବୈଠକରେ ଅକ୍ଟୋବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ନମୂନା ପାଠ ଯୋଜନା, ଜାତୀୟ ଉପଲବ୍ଧି ସର୍ବେକ୍ଷଣ ଏବଂ ନିପୁଣ ଓଡ଼ିଶା ଉପରେ ଆଲୋଚନା ହୋଇଥିଲା। ଆଲୋଚନାରେ ଗୋପବନ୍ଧୁ ଭୋଇ, ସୌଦାମିନୀ ମେହେର, ଘନଶ୍ୟାମ ଦୀପ, ଅନୁପ ସାହୁ ପ୍ରମୁଖ ପ୍ରଧାନଶିକ୍ଷକ ସୌମିତ୍ରୀ ସାହୁ, ଜ୍ୟୋତିର୍ମୟୀ ଭୁଏ, ଅସିତ ପଧାନ, ଦୀପାଞ୍ଜଳି ଭୋଇ, ଜ୍ୟୋତିର୍ମୟୀ ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ଗୋପୀନାଥ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷୟିତ୍ରୀଙ୍କ ବିୟୋଗରେ ଶୋକସଭା

ଡୁଙ୍ଗୁରିପାଲି, ୩୦।୧୦(ଦୀନବନ୍ଧୁ ସୁନା)



ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା କ୍ଲଷ୍ଟର ଅନ୍ତର୍ଗତ ଡୁନିଆଁମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରକାରୀ ଶିକ୍ଷୟିତ୍ରୀ ରଶ୍ମିତା ସେଟଙ୍କ ବିୟୋଗରେ ଏକ ଶୋକ ସଭା କୁଡ଼ାରିକଟା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ଅଧିନ ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଅଭିରାମ ବାରିକ, ସାଧୁ ସେଟ, ଶିବ ପ୍ରସାଦ ରଣା, ଗୋବିନ୍ଦ ଦାସ, ରମେଶ ସାଥୁଆ, ଜ୍ୟୋସ୍ନା ମାଝୀ, ସୀତାରାମ ମେହେର ସସ୍ମିତା ମେହେର, ଚକ୍ରଧର ମାଝୀ, ପରେଶ କୁମାର ସାହୁ, ସହଦେ ମେହେର, କୈଳାସ ସେଟ, ଉମେଶ ଭୋଇ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସେଟ ସ୍ୱାସ୍ଥ୍ୟଗତ କାରଣରୁ କିଛି ଦିନ ହେବା ଏକ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ୨୮ ତାରିଖ ରାତିରେ ତାଙ୍କର ବିୟୋଗ ହୋଇଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ପ୍ରକଳ୍ପ ଅଛି, ମିଳୁନି ପାଣି

ଡୁଙ୍ଗୁରିପାଲି, ୩୦।୧୦(ଦୀନବନ୍ଧୁ ସୁନା)

**ଦିଗଶିରା ଗଣ୍ଡାପଡ଼ାରେ ପାନୀୟ ଜଳ ସମସ୍ୟା**

■ପ୍ରତିଶ୍ରୁତି ଦେଲେ ଜିଲାପାଳ, ହେଲାନି କାର୍ଯ୍ୟକାରୀ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗ୍ରାମ ପଞ୍ଚାୟତ ଗଣ୍ଡାପଡ଼ାରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଗାଁକୁ ପାଇପ ଜଳଯୋଗାଣ ବ୍ୟବସ୍ଥା ଥିଲେ ହେଁ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବାରୁ ତାହା କାର୍ଯ୍ୟରେ ଲାଗି ପାରୁନାହିଁ। ପଡାବାସୀ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭକରି ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ଏବଂ ପଡାବାସୀ ପାଇପ ପାଣି ପାଇବେ ବୋଲି ପ୍ରତିଶ୍ରୁତି ମିଳିଥିଲେ ହେଁ ତାହା ସାକାର ହୋଇ ପାରିନାହିଁ। ଫଳରେ ବଡକଷ୍ଟରେ ଲୋକେ କୂଅ, ପୋଖରୀର ଦୂଷିତ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି।

ଅଙ୍ଗନଦୀରୁ ଜଳପ୍ରକଳ୍ପ ଜରିଆରେ ଦିଗଶିରା ଗ୍ରାମକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ୨୦୦୩ ମସିହାରୁ ଅଛି। ଓଭରହେଡ୍ ଟାଙ୍କିରେ ପାଣି ସଂରକ୍ଷିତ କରାଯାଇ ପଞ୍ଚାୟତ ଅନ୍ତର୍ଗତ ୧୧ଟି ୱାର୍ଡକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ହେଉଥିଲା। ହେଲେ ୧୦ନଂ ୱାର୍ଡ ଗଣ୍ଡାପଡ଼ାକୁ



ଓଭରହେଡ୍ ପାଣିଟାଙ୍କି।

ସଂଯୋଗ ହୋଇଥିବା ପାଇପ ଲାଇନ ଗତ ୨ବର୍ଷ ହେବ ଭାଙ୍ଗିରୁଜି ଯାଇଛି। ଏଥିଯୋଗୁ ପଡାକୁ ଜଳଯୋଗାଣ ବ୍ୟାହତ ହୋଇଛି। ପାଣି ସମସ୍ୟା ନେଇ ପୂର୍ବତନ ୱାର୍ଡ଼ସଭ୍ୟ ଦୀନବନ୍ଧୁ ସୁନାଙ୍କ ନେତୃତ୍ୱରେ ପଡାବାସୀ ଗତ ମେ ୧୫ ରେ ଜିଲା ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରିଥିଲେ। ଯଥାଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ପଡ଼ାବାସୀ ଫେରିଥିଲେ। ହେଲେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଗତ ଜୁଲାଇ ୨୯ରେ ଡୁଙ୍ଗୁରିପାଲି ବ୍ଲକରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ପଡାବାସୀ ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି ଜିଲାପାଳ କହିଥିଲେ। ଇତିମଧ୍ୟରେ ୩ମାସ ବିତିଯାଇଥିଲେ ବି ପ୍ରତିଶ୍ରୁତି ପୂରଣ ହୋଇନାହିଁ। ଗତ ୨୬ତାରିଖ ପଡାବାସୀ ଜିଲାପାଳଙ୍କୁ ଫୋନ ଯୋଗେ ପୁନଃ ଜଣାଇବାରୁ ବିଭାଗୀୟ ଅଧିକାରୀ ପାନୀୟ ଜଳ ସମସ୍ୟା ଦୂର ହୋଇଥିବା ରିପୋର୍ଟ କରିଥିବା କହିଥିଲେ। ନିର୍ବାହୀ ଅଧିକାରୀଙ୍କୁ ପଚାରିଲେ ସୋମବାର ଏସ୍‌ଡିଓ ଓ ବ୍ଲକ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀ ଗାଁକୁ ଯାଇ ସରଜମିନ ତଦନ୍ତ କରିବେ ବୋଲି କହିଥିଲେ। ଗତ ୨୮ତାରିଖ ସୋମବାର ଡୁଙ୍ଗୁରିପାଲି ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏସ୍‌ଡିଓ ଶ୍ରୀକାନ୍ତ ସାହୁ, ଯନ୍ତ୍ରୀ ହିମାଦ୍ରି ପଧାନଙ୍କ ସହ ପାଣି ସମସ୍ୟା ନେଇ ଆଲୋଚନା ହୋଇଥିଲେ ହେଁ ନୂତନ ପାଇପ ସଂଯୋଗ କରି ପୁନଃ ଜଳଯୋଗାଣ ସ୍ୱାଭାବିକ କରିବା ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି ଦୀନବନ୍ଧୁ ସୁନା, ହିମାଂଶୁ ସୁନା, ସୁରେଶ ବାଗ, ଫକୀର ସୁନା, କାର୍ତ୍ତିକ ସିକା, ମହେଶ୍ୱର ସୁନା, ଲୀଳାମ୍ବର ବାଗ, ସୁଦାମ ସୁନା, ବିଶିକେଶନ ସିକା ପ୍ରମୁଖ ପଡ଼ାବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ଏସ୍‌ଡିଓ ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରୁ ନୂତନ ପାଇପ ସଂଯୋଗ ପାଇଁ ଖୁବ୍‌ଶୀଘ୍ର ଏକ ଏଷ୍ଟିମେଟ କରି କାର୍ଯ୍ୟାନ୍ୱୟନ କରାଯିବ ବୋଲି କହିଛନ୍ତି।

# ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ୱତନ୍ତ୍ର ଗ୍ରାମସଭା



ଗ୍ରାମସଭାରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀ।

ଅମରପାଲି, ୩୦।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଦୁର୍ନୀତି ନିବାରଣ ବିଭାଗ ଓ ବୀରମହାରାଜପୁର ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ମୁର୍ଷୁଣ୍ଡୀ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ପଞ୍ଚାୟତ ସରପଞ୍ଚ, ନିର୍ବାହୀ ଅଧିକାରୀ, ୱାର୍ଡସଭ୍ୟ ତଥା ଜନସାଧାରଣ, ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟ, ସ୍ୱୟଂ ସହାୟକ ସଦସ୍ୟା ତଥା ତୃଣମୂଳ ସ୍ତରରେ କାର୍ଯ୍ୟରତ ସରକାରୀ ପଦାଧିକାରୀ ସାମିଲ ହୋଇଥିଲେ। ଏହି ବୈଠକରେ ଉପସ୍ଥିତ ଅଧିକାରୀ ଜନସାଧାରଣଙ୍କୁ ଦୁର୍ନୀତିର ପ୍ରକାର ଏବଂ ପ୍ରକୃତି, ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ ତଥା ଦୁର୍ନୀତି ସମ୍ପନ୍ଧରେ ଆବଶ୍ୟକ ସୂଚନା ପ୍ରଦାନ ନିମନ୍ତେ ରହିଥିବା ବ୍ୟବସ୍ଥା ଉପରେ ସଚେତନ କରାଇଥିଲେ। ମୁର୍ଷୁଣ୍ଡୀ ପଞ୍ଚାୟତରେ ଅନୁଷ୍ଠିତ ବୈଠକ ସରପଞ୍ଚ ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପିଇଓ ସରୋଜ କୁମାର ନନ୍ଦ, ଏମବିକେ ଆରତୀ ଶତପଥୀ, ଏମବିକେ ରିତାଞ୍ଜଳୀ ବିଶି, ସସ୍ମିତା ଦେହୁରୀ, ସିଆରପି, ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ବିଭାଗୀୟ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।

# ଜିଲା ବୈଦ୍ୟ ସଂଘ ପକ୍ଷରୁ ଧନ୍ୱନ୍ତରୀ ଜୟନ୍ତୀ ପାଳିତ

ବୌଦ୍ଧ,୩୦।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସରସରା ଖଲିଆସାହିସ୍ଥିତ ବୈଦ୍ୟ ସଂଘ କାର୍ଯ୍ୟାଳୟଠାରେ ବୁଧବାର ଦିନ ଭଗବାନ ଧନ୍ୱନ୍ତରୀ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଜିଲା ବୈଦ୍ୟ ସଂଘର ସଭାପତି ବୈଦ୍ୟ ଜଗବନ୍ଧୁ ଭୋକ୍ତାଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଂଘର ଉପଦେଷ୍ଟା କୃତ୍ତିବାସ ପଲିଆ ଅତିଥି ଭାବେ ଯୋଗଦେଇ ଜିଲାରେ ଠପ୍ ହୋଇପଡିଥିବା ବୈଦ୍ୟ ସଂଘକୁ ସରକାରୀ ସ୍ତରରେ ପଞ୍ଜୀକରଣ କରିବା ସହିତ ରାଜ୍ୟ ସଂଘ ସହ ଯୋଡିବା ପାଇଁ ପ୍ରୟାସ କରିବାକୁ କହିଥିଲେ । ଏହାସହ ଜିଲାରେ ସଞ୍ଜୀବନୀ ଭେଷଜ ଉଦ୍ୟାନ ନିମନ୍ତେ ଜମି ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା, ଔଷଧୀୟ ବୃକ୍ଷରୋପଣ, ଗୋ ସୁରକ୍ଷା କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଅନ୍ୟତମ



ଧନ୍ୱନ୍ତରୀ ଦିବସରେ ଯୋଗ ଦେଇଥିବା ବୈଦ୍ୟ ।

ଅତିଥି ଭାବେ ବୈଦ୍ୟ ସୌମିତ୍ରୀ ସାହୁ ଯୋଗଦେଇ ବୈଦ୍ୟ ହେବାକୁ ହେଲେ ଆଗ ତାଲିମ ନେବାକୁ କହିଥିଲେ । ଅନ୍ୟତମ ଅତିଥି ଭାବେ ମାହେଶ୍ୱରୀ ଗୋଶାଳାର ଅଧକ୍ଷ ନିର୍ଗୁଣ ମହାକୁଡ ଯୋଗଦେଇ ଗୋଶାଳାରେ ହେଉଥିବା କାର୍ଯ୍ୟକ୍ରମରେ ବୈଦ୍ୟମାନେ ଯୋଗ ଦେବାକୁ ଅନୁରୋଧ କରିଥିଲେ । ଜିଲା ସଂପାଦକ ଆଚାର୍ଯ୍ୟ ପ୍ୟାରିମୋହନ ପୂଜା କାର୍ଯ୍ୟ ତୁଲାଇଥିଲେ। ସରକାରୀ ସ୍ତରରେ ବୈଦ୍ୟମାନଙ୍କୁ ସ୍ୱୀକୃତି ଦେବା ସହ ଭତ୍ତା ଦେବାକୁ ଦାବି କରାଯାଇଥିଲା। ବୈଦ୍ୟ ନିରଞ୍ଜନ ବାଗ, ଶିବ ରଣା, ଜଗନ୍ନାଥ ମଲିକ, ବିଚ୍ଛନ୍ଦ ଦେହୁରୀ ଯୋଗ ଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ଦେବାଶିଷ ପ୍ରଧାନ, ହିମାଂଶୁ ଶେଖର ପ୍ରଧାନ, ଶେଷଦେବ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ।

### ବନ୍ଧବିହାରୀ, ଦିଲୀପଙ୍କ ବିୟୋଗରେ ଶୋକସଭା

ସୋନପୁର,୩୦।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟିର ବରିଷ୍ଠ ସଦସ୍ୟ ବନ୍ଧବିହାରୀ ନାଏକ ଓ ଦିଲୀପ ରଣାଙ୍କ ପରଲୋକ ହୋଇଯାଇଛି। ଉଭୟ ନେତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜିଲା କଂଗ୍ରେସ କମିଟି ପକ୍ଷରୁ ବୁଧବାର ଶୋକସଭା ଆୟୋଜିତ ହୋଇଥିଲା। ଏଥିରେ ପ୍ରାକ୍ତନ ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡା, ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ପ୍ରିୟବ୍ରତ ସାହୁ, ସୁଧୀର ପଣ୍ଡା, ମାଧବ କୁମ୍ଭାର, ରଞ୍ଜିତ ରାଏ, ଶେଷଦେବ ମେହେର, ଅଶୋକ ପଟ୍ଟନାୟକ, ରାଜେଶ ମିଶ୍ର, ଦଧିବାମନ ଦାଶ, ନିମାଇଁ ପାଣିଗ୍ରାହୀ ଓ ଭରତ ଜେନା ଯୋଗଦେଇ ଉଭୟଙ୍କ ମୃତ୍ୟୁ କଂଗ୍ରେସ ପାଇଁ ବଡ କ୍ଷତି ବୋଲି କହିଥିଲେ। ନେତୃବୃନ୍ଦ ଏହି ଅବସରରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ତରଭାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଦଳୀୟ ନେତୃବର୍ଗ।

ତରଭା, ୩୦।୧୦(ମାନଭଞ୍ଜନ ମିଶ୍ର)

ଓଡ଼ିଶାର ନୂତନ ଭାଜପା ସରକାରଙ୍କ ସମସ୍ତ ପ୍ରତିଶ୍ରୁତି ମିଥ୍ୟାରେ ପରିଣତ ହୋଇଛି। ସୁଭଦ୍ରାରେ ଠକିଲେ, ୩୦୦ୟୁନିଟ ମାଗଣା ବିଦ୍ୟୁତ୍ ବିଲ୍ ଛାଡ଼ କଲେନାହିଁ। ବାର୍ଦ୍ଧକ୍ୟ ଭତ୍ତା ୬୦ବର୍ଷରେ ୩ହଜାର ଓ ୮୦ବର୍ଷ ହେଲେ ୩୫୦୦ ଦେବୁ ବୋଲି କହି ଦେଲେନାହିଁ। ଏବେ ବିଜେଡି ସରକାର ଅମଳର କାର୍ଯ୍ୟରେ ଭାଜପାର ସାଇନବୋର୍ଡ ମାରୁଛନ୍ତି। ବୁଧବାର ସୁବର୍ଣ୍ଣପୁର ଜିଲା ତରଭାରେ ଆୟୋଜିତ ବିଜେଡି ଜନସମ୍ପର୍କ ପଦଯାତ୍ରାରେ ଯୋଗଦେଇ ଏଭଳି ଭାବେ ଭାଜପାକୁ ସମାଲୋଚନା କରିଛନ୍ତି ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ। ଏହି ଅବସରରେ ସେ ନବୀନ ସରକାରଙ୍କ ସମୟରେ ଓଡ଼ିଶାର ବିକାଶ ଉପରେ ଆଲୋକପାତ କରିଥିଲେ। ପୂର୍ବାହ୍ନରେ ପେଟ୍ରୋଲପମ୍ପ ସମ୍ମୁଖରୁ ବିଜେଡି ନେତା ଓ କର୍ମୀଙ୍କ ଏକ ବିରାଟ ପଦଯାତ୍ରା ତରଭା ମୁଖ୍ୟରାସ୍ତା ଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ସଭାସ୍ଥଳ କୃଷ୍ଣାର୍ଜୁନ କଳା ସଂସ୍କୃତି ମଣ୍ଡପରେ ପହଞ୍ଚିଥିଲା। ତରଭା ବ୍ଲକ ବିଜେଡି ସଭାପତି ହେମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ଜିଲା ସଭାପତି ସରୋଜ କୁମାର କର୍ମ୍ପ, ଉପାଧ୍ୟକ୍ଷା ଦାଦଶୀ କୁଅଁର,ତରଭା ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ, ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ବୀରମହାରାଜପୁର ଯୁବ ବିଜେଡି ସଭାପତି ନାରାୟଣ ଲୁହା, କରମଚାନ୍ଦ ମହାନ୍ତି, ଜିଲା ଯୁବ ସଭାପତି ଅଶୋକ ନନ୍ଦ, ଜିଲା ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ସେଠୀ, ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶତ୍ରୁଘ୍ନ ପୃଷ୍ଟି, ମଧୁସୂଦନ ପାଣ୍ଡେ, ଅଶ୍ୱିନୀ ବିଶି, ରାମ ସାହୁ, ପ୍ରଭାତ ପାତ୍ର, ଘନଶ୍ୟାମ ଡାଙ୍ଗଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର, ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ କୁ ଜିଲା ବିଜେଡି ଉପସଭାପତି ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ। ନଗର ବିଜେଡି ଯୁବ ସଭାପତି ଜନାର୍ଦ୍ଦନ ଥାନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ବୀରମହାରାଜପୁର ପ୍ରତିଯୋଗୀଙ୍କୁ ୪ ସ୍ୱର୍ଣ୍ଣ, ୧ ରୌପ୍ୟ

ଅମରପାଲି,୩୦।୧୦(ପୀତାମ୍ୱର ସାହୁ)

**ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଛାତ୍ରୀଛାତ୍ରଙ୍କୁ ମିଳିଛି ସଫଳତା। ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ୪ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ସହିତ ୫ଟି ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ବ୍ରହ୍ମପୁରରେ ଆୟୋଜିତ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାର ବିଭିନ୍ନ ଓଜନ ବର୍ଗରେ ବୀରମହାରାଜପୁରର ପ୍ରତିଯୋଗୀ ଏହି ସଫଳତା ହାସଲ କରିଛନ୍ତି। ୪୨ କେଜି ବର୍ଗରେ ଯୁବରାଜପୁର ୟୁପି ସ୍କୁଲ ଛାତ୍ରୀ ଝରଣା ନାଏକ ସ୍ୱର୍ଣ୍ଣ, ୪୪ କେଜି ବର୍ଗରେ ସୁବଳୟା ଯୁକ୍ତ ୨ ମହାବିଦ୍ୟାଳୟ ଛାତ୍ରୀ ଅର୍ଚ୍ଚିତା ପଧାନ ସ୍ୱର୍ଣ୍ଣ, ୪୬କେଜି ବର୍ଗରେ ରାଥପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ମୌସୁମୀ ସିଂହ ସ୍ୱର୍ଣ୍ଣ, ୪୮ କେଜି ବର୍ଗରେ ବୀରମହାରାଜପୁର ବାଳିକା ବିଦ୍ୟାଳୟ ଛାତ୍ରୀ ପ୍ରତିମା ମହାନନ୍ଦଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ୫୦ କେଜି ବର୍ଗରେ ବଡ କିରସିରା ୟୁଜିଏଚଏସ ରୁ ନିବେଦିତା ବେହେରାଙ୍କୁ ରୌପ୍ୟ ପଦକ ମିଳିଛି। କୃତୀ ଖେଳାଳିମାନଙ୍କୁ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଅଭିନନ୍ଦନ ଜଣାଇଛନ୍ତି। ଉକ୍ତ ଟିମ ସହିତ ଟିମ୍ ମ୍ୟାନେଜର ତଥା କମିରା ବାପୁଜୀ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ରଞ୍ଜିତ କୁମାର ପଧାନ ଏବଂ ମୁଷ୍ଟିଯୋଦ୍ଧା ପ୍ରଶିକ୍ଷକ ରାଜେଶ ମେଣ୍ଡିଲି ସାମିଲ ଥିଲେ।



ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ପଦକ ଜିତିଥିବା ୫ ଖେଳାଳି।

# ପୂର୍ଣ୍ଣମାସୀ କ୍ରିକେଟ: ବଡେମୁରା ଚାମ୍ପିୟନ

ଅମରପାଲି,୩୦।୧୦(ପୀତାମ୍ବର ସାହୁ)

**ରାଜା କୁସୁମ ମ୍ୟାନ ଅଫ ଫାଇନାଲ, ସିରିଜ**

ସୁବର୍ଣ୍ଣପୁର-ସମ୍ବଲପୁର ଜିଲା ସୀମବର୍ତ୍ତି ବୀରମହାରାଜପୁର ବ୍ଲକ ବୁଟୁଖମନ- ସୁଲିଆରେ ଚାଲିଥିବା ପଞ୍ଚମ ମା' ପୂର୍ଣ୍ଣମାସୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପାତାଳୀ ସ୍ପୋର୍ଟିଂ କୋଟସମଲାଇକୁ ହରାଇ ବଡେମୁରା(ସମ୍ବଲପୁର) ଦଳ ଚାମ୍ପିୟନ ହୋଇଛି। କୋଟସମଲେଇ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୮୬ ରନ କରିଥିଲା। ଜବାବରେ ବଡେମୁରା ଦଳ ଆବଶ୍ୟକ ୮୭ ରନକୁ ୬ ଓଭରରେ ହାସଲ କରି ବିଜୟୀ ହୋଇଥିଲା। ପ୍ରଥମ ସେମି ଫାଇନାଲରେ ବଗବରକୁ ହରାଇ କୋଟସମଲେଇ ଦଳ ଫାଇନାଲରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମିରେ ମନମୁଣ୍ଡାକୁ ହରାଇ ବଡେମୁରା ଫାଇନାଲରେ ପ୍ରବେଶ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସଂଗ୍ରାମପୁର ସମିତି ସଭ୍ୟ ସପନ କର୍ମୀ, ତ୍ରିବଣପୁର ସରପଞ୍ଚ ପ୍ରତିନିଧି ଯୁଗେଶ୍ୱର ସେଠୀ, ପୂର୍ବତନ ସମିତିସଭ୍ୟ ସୁଶାନ୍ତ ପ୍ରଧାନ, ବହଳପଦର ସମିତିସଭ୍ୟା ପ୍ରତିନିଧି ନୀଳାମ୍ବର ଘିବିଲା, ସ୍ୱେଚ୍ଛାସେବୀ ନାରାୟଣ ପ୍ରସାଦ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ବଡେମୁରା ଦଳର ସ୍ୱାଧୀନ ଙ୍କୁ ଶ୍ରେଷ୍ଠ ବୋଲର ଏବଂ ରାଜା କୁସୁମଙ୍କୁ ଶ୍ରେଷ୍ଠ ବ୍ୟାଟସ ମ୍ୟାନ, ମ୍ୟାନ ଅଫ ଦି ଫାଇନାଲ ଓ ମ୍ୟାନ ଅଫ ଦି ସିରିଜଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ବଡେମୁରା ଦଳକୁ ନଗଦ ୧୮ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା କୋଟସମଲେଇ ଦଳକୁ ନଗଦ ୧୧ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ସୁରେଶ ବିଶି ଓ ରାଧାକାନ୍ତ ପ୍ରଧାନ ଫାଇନାଲ ଖେଳ ପରିଚାଳନା କରିଥିଲେ।



ଟ୍ରଫି ସହ ଫାଇନାଲ ଖେଳିଥିବା ଉଭୟ ଦଳର ଖେଳାଳି ଓ ଅତିଥିମାନେ।

# ନିଶାସେବନ ଜୀବନକୁ ପଥଭ୍ରଷ୍ଟ କରିଦିଏ

ଅମରପାଲି,୩୦।୧୦(ପୀତାମ୍ବର ସାହୁ)

**ଖଣ୍ଡହତା କଲେଜରେ ନିଶାମୁକ୍ତ ଭାରତ ଅଭିଯାନ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାସ୍ଥିତ ରବୀନ୍ଦ୍ରନାଥ ଉଚ୍ଚ ମଧ୍ୟମିକ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ସଚେତନତା ଶୋଭାଯାତ୍ରାରେ ଖଣ୍ଡହତା ଗ୍ରାମ ପରିକ୍ରମା କରିଥିଲେ। ପରେ କଲେଜରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କଲେଜର ଅଧକ୍ଷ ଜଗବନ୍ଧୁ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଛାତ୍ରୀଛାତ୍ରଙ୍କୁ ନିଶାସେବନର କୁପ୍ରଭାବ, ନିରାକରଣ ଉପରେ ସଚେତନ କରି ଏଥିରେ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ନିଶା ସେବନ ଜୀବନକୁ ପଥଭ୍ରଷ୍ଟ କରିଥାଏ ବୋଲି ଉପସ୍ଥିତ ଅଧାପକମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଶରତ କୁମାର ଭୋଇ, ଧନଞ୍ଜୟ ସାହୁ, ରାଜୀବ ମହାପାତ୍ର, ଅଧାପିକା ଜ୍ୟୋସ୍ନାମୟୀ ଶଙ୍ଖୁଆ, ବିଷ୍ଣୁପ୍ରିୟା ମହାକୁର ନିଶା ସେବନର ଅପକାରିତା ଓ ଏହାର କୁପ୍ରଭାବ ଉପରେ ମତ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବକ୍ତୃତାରେ କମଳିନୀ ବାଦୀ, ସବ୍ୟସାଚୀ ପଧାନ ଓ ବବଲି ପଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପ୍ରବନ୍ଧନ ଲିଖନ ପ୍ରତିଯୋଗୀତାରେ ବିନୀରାଣୀ ମେହେର, ଅର୍ଚ୍ଚିତା ପଧାନ ଓ ଗୌରୀ ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ, ଚିତ୍ରାଙ୍କନ ପ୍ରତିଯୋଗିତାରେ କମଳିନୀ ମହାକୁର ପ୍ରଥମ, ଆଲୋକ ଭୋଇ ଓ ବବୁଲୁ ସାହୁ ଯୁଗ୍ମ ଦ୍ୱିତୀୟ ଏବଂ ବବଲି ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସୁମନ୍ତ କୁମାର ଦଲାଲ, ମଧୁସୂଦନ କର୍ଣ୍ଣ, ସତ୍ୟମୋହନ ପ୍ରଧାନ, ରାଧେଶ୍ୟାମ ବାରିକ, ସୁଦାମ ଉର୍ମା, ସୀତାକାନ୍ତ ଭୋଇ, ସୁଦର୍ଶନ ପଣ୍ଡା ଓ ଚକ୍ରଧର ନାଏକ ସହଯୋଗ କରିଥିଲେ।




ଅତିଥି, ଅଧାପକଙ୍କ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର।

## ଦୀପାବଳି ପାଇଁ ଟ୍ରେନ୍‌ରେ ଅସମ୍ଭବ ଭିଡ଼



**ରାଉରକେଲା,୩୦ା୧୦(ବିପ୍ଳବ ରଞ୍ଜନ ଦାଶ):** ଆଲୋକପର୍ବ ଦୀପାବଳି ପାଳନ ନେଇ ଏବେ ବାହାରେ ରହୁଥିବା ଲୋକମାନେ ଘର ମୁହାଁ ହୋଇଛନ୍ତି। ଫଳରେ ଟ୍ରେନ୍‌ରେ ସାଧାରଣ ବଗି ବା ଅସଂରକ୍ଷିତ ବଗିରେ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଛି। ବିଭିନ୍ନ ଟ୍ରେନର ସାଧାରଣ ବଗିରେ ରେଳ ଯାତ୍ରୀମାନେ ଅସୁରକ୍ଷିତ ଏବଂ ଅବ୍ୟବସ୍ଥିତ ଢଙ୍ଗରେ ଯାତ୍ରା କରୁଥିବା ଦେଖିବାକୁ ମିଳୁଛି। ସାଧାରଣ ବଗିମାନଙ୍କରେ ରେଳଯାତ୍ରୀଙ୍କ ପାଦ ପକାଇବାକୁ ସ୍ଥାନ ନାହିଁ। ଟଏଲେଟକୁ ଯିବାକୁ ଥିବା ରାସ୍ତା ମଧ୍ୟ ବନ୍ଦ ହୋଇଯାଉଛି। ସିଟ୍‌ଠାରୁ ତିନିଗୁଣାରୁ ଅଧିକ ଯାତ୍ରୀ ଯାତ୍ରା କରୁଛନ୍ତି। ଜିନିଷପତ୍ର ରହିବା ଭଳି ଯାତ୍ରୀ ଉପରେ ଯାତ୍ରୀ ଲଦାଲଦି ହୋଇ ସମ୍ପୂର୍ଣ୍ଣ ଅସୁରକ୍ଷିତ ଭାବେ ରେଳଯାତ୍ରା କରୁଛନ୍ତି। ଏନେଇ ରାଉରକେଲା ଷ୍ଟେଶନମାଷ୍ଟର ପ୍ରଭାସ ଦାସ କହନ୍ତି, ଏନେଇ ବାରମ୍ବାର କଟକଣା କରାଯାଉଛି। ମାତ୍ର ଯାତ୍ରୀମାନେ ମାନୁ ନାହାନ୍ତି। ଆଗକୁ ଏନେଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

# କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି କୁମ୍ଭକାର

**ରାଉରକେଲା,୩୦ା୧୦(ବିପ୍ଳବରଞ୍ଜନ ଦାଶ)**

ମାଟିଜାତ ଦ୍ରବ୍ୟର ଚାହିଦା କମିବା ସହ ବିକ୍ରି ପାଇଁ ବଜାର ଅଭାବ ରହିଛି। ଏପଟେ ଆବଶ୍ୟକ ସରକାରୀ ପ୍ରୋତ୍ସାହନ ମିଳୁନାହିଁ। ଫଳରେ କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି ରାଉରକେଲା ସହରରେ ବାସ କରୁଥିବା କୁମ୍ଭକାର ସମ୍ପ୍ରଦାୟ।

ରାଉରକେଲା ସହରର ବିଶ୍ରା ଫଟାପାଇପ ବସ୍ତି, ବାସନ୍ତୀ କଲୋନୀ ଓ ଉଦିତ ନଗର କୁମ୍ଭାରପଡାରେ ୪ହଜାରରୁ ଉର୍ଦ୍ଧ୍ୱ କୁମ୍ଭକାର ପରିବାର ବାସ କରୁଛନ୍ତି। ସେମାନଙ୍କ ମାଟିଜାତ ଦ୍ରବ୍ୟର ବିକ୍ରି ପାଇଁ ବଜାର ଅଭାବରୁ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ବିଭିନ୍ନ କାରଣରୁ କୁମ୍ଭକାର ସମ୍ପ୍ରଦାୟ ନିଜ ପ୍ରାଚୀନ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି। ସହରରେ ବିଶେଷ ଭାବେ ବାହ୍ୟ ରାଜ୍ୟର ମାଟିଜାତ ଦ୍ରବ୍ୟ ପସରା ବସୁଥିବାବେଳେ ସ୍ଥାନୀୟ କୁମ୍ଭକାରଙ୍କର କଷ୍ଟଜାତ ମାଟିଦ୍ରବ୍ୟ ଉତ୍କୃଷ୍ଟମାନର ଥିଲେ ସୁଦ୍ଧା ଚାହିଦା ବୃଦ୍ଧି ପାଉନାହିଁ। ଦୀପାବଳି ପର୍ବ ଥିବାରୁ କେତେକ କୁମ୍ଭକାର ପରିବାର ମାଟି ଦୀପ ସହ ବିଭିନ୍ନ ମାଟିଦ୍ରବ୍ୟ ପ୍ରସ୍ତୁତ କରିଛନ୍ତି। ୨୦ବର୍ଷ ପୂର୍ବେ ଉପରୋକ୍ତ ବସ୍ତିର କୁମ୍ଭକାରମାନଙ୍କ ମାଟିଜାତ ଦ୍ରବ୍ୟ ରାଉରକେଲା ସମେତ ପଡୋଶୀ ଝାଡ଼ଖଣ୍ଡ, ବିହାର ଓ ଛତିଶଗଡ଼ ରାଜ୍ୟକୁ



ଉଦିତନଗର କୁମ୍ଭାରପଡ଼ାର ବାସନ୍ତୀ ପ୍ରଜାପତି ଓ ତାଙ୍କ ପୁଅ ମାଟି ଦୀପ ପ୍ରସ୍ତୁତି କରିଛନ୍ତି।

### ସରକାରୀ ପ୍ରୋତ୍ସାହନ ଓ ମାଟିଜାତ ଦ୍ରବ୍ୟର ବଜାର ଅଭାବ

ଯାଉଥିଲା। ରାଉରକେଲା କୁମ୍ଭକାରଙ୍କ ତିଆରି ମାଟିଜାତ ଦ୍ରବ୍ୟ ବେଶ୍ ଚାହିଦା ରହିବା ସହିତ ମାଟିଜାତ ଦ୍ରବ୍ୟ ତିଆରି ମୁଖ୍ୟ ଜୀବିକା ଥିଲା। ମାତ୍ର ବର୍ତ୍ତମାନ ସମୟରେ ମାଟିଜାତ ଦ୍ରବ୍ୟ ଚାହିଦା ହ୍ରାସ ପାଇ ପ୍ଲାଷ୍ଟିକ ଓ କାଚଜାତ ଦ୍ରବ୍ୟ ଚାହିଦା ବୃଦ୍ଧି ପାଇବା ମଧ୍ୟ ଏମାନଙ୍କ ଜୀବିକା ଉପରେ ବିଶେଷ ପ୍ରଭାବ ପକାଉଛି। ଏଥିସହ ସହରରେ ମାଟି ଗ୍ଲାସ ଚା କପ ଚାହିଦା ଦିନକୁ ଦିନ ବଢୁଛି, ମାତ୍ର କେତେକ ବାହ୍ୟ ବେପାରୀଙ୍କ କବଜାରେ ସହରସାରା ଚା କପ୍ ସପ୍ଲାଏ ହେଉଥିବାରୁ ସ୍ଥାନୀୟ କୁମ୍ଭକାରଙ୍କ ଦୈନନ୍ଦିନ ରୋଜଗାର ବନ୍ଦ ହୋଇଯାଉଛି। ଫଳରେ ଦିନକୁ ଦିନ ସହରର କୁମ୍ଭକାରବର୍ଗ ବିଶେଷକରି କୁମ୍ଭକାର ସମ୍ପ୍ରଦାୟ ଯୁବପିଢୀ ନିଜର କୌଳିକବୃତ୍ତି ଏକରକମ ଛାଡି ଦେଇଛନ୍ତି। କେବଳ ଦୀପାବଳି ଓ କେତେକ ପର୍ବପର୍ବାଣୀରେ ସହରରେ କାଁଭାଁ ପରିବାର ମାଟିଦୀପ, କଳସ, ଧୂପଦାନୀ, ମାଣ, ଜାଗର, ମାଠିଆ, କ୍ଷୁଦ୍ର ମାଟିକୁମ୍ଭ ତିଆରି କରୁଛନ୍ତି। ଗୋଟିଏ ପଟେ ସରକାର ଟେରାକୋଟା କାରିଗରୀ ତଥା ବିଲୁପ୍ତପ୍ରାୟ କଳାକୃତୀଗୁଡିକର ପୁନରୁଦ୍ଧାର ପାଇଁ ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ସହରାଞ୍ଚଳରେ ବିଲୁପ୍ତ କାରିଗରିତା ବଞ୍ଚାଇ ରଖିଥିବା କାରିଗରମାନଙ୍କ ଦ୍ୱାରା ନିର୍ମିତ ଦ୍ରବ୍ୟର ବିକ୍ରୟ ପାଇଁ ଜିଲାସ୍ତରରେ ତଥା ସହରାଞ୍ଚଳରେ କୌଣସି ପ୍ରକାର ବଜାର ସୁବିଧା ହୋଇପାରୁନାହିଁ। ସରକାର ଏଭଳି କାରିଗରଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ପ୍ରଦାନ ସହ ସରକାରୀ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେବାର ଆବଶ୍ୟକତା ରହିଛି। ଏନେଇ ରାଉରକେଲା ମହାନଗର ନିଗମର ୨୭ନଂ. ୱାର୍ଡ୍ ଉଦିତନଗର କୁମ୍ଭାରପଡାଠାରେ ରହୁଥିବା କୁମ୍ଭକାର ପରିବାରର ଜାନକୀ ପ୍ରଜାପତି, ସ୍ତ୍ରୀ ବାସନ୍ତୀ ପ୍ରଜାପତି, ପୁଅ ନବୀନ ଓ ସାନ ପୁଅ ଦିଲ୍ଲୀପଙ୍କ କହିବା ମୁତାବକ ସହରରେ ଦୀର୍ଘ ବର୍ଷରୁ କୁମ୍ଭକାରମାନେ ରହୁଛନ୍ତି। ମାତ୍ର ଏଯାଏଁ ସହରର କୁମ୍ଭକାରଙ୍କୁ କୌଣସି ପ୍ରକାର ସରକାରୀ ପ୍ରୋତ୍ସାହନ ମିଳିପାରିନାହିଁ।

ଏନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ କହିଲେ, ସହରର କୁମ୍ଭକାରଙ୍କ କୌଳିକ ବୃତ୍ତି ବଞ୍ଚିରହିବା ନିହାତି ଆବଶ୍ୟକ। ଆଗକୁ କୁମ୍ଭକାରଙ୍କ ଚିହ୍ନଟ ହୋଇ ସେମାନଙ୍କୁ ଜୀବିକା ପ୍ରଦାନ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ଦୀପାବଳି ସାମଗ୍ରୀ ତିଆରି କଲେ ଦିବ୍ୟାଙ୍ଗ ପିଲା




ଶ୍ରଦ୍ଧା ଅନୁଷ୍ଠାନର ଦିବ୍ୟାଙ୍ଗ ପିଲାମାନେ ଦୀପାବଳି ପାଳନ କରୁଛନ୍ତି।

**ରାଉରକେଲା,୩୦ା୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ଅଗ୍ରଣୀ ଦିବ୍ୟାଙ୍ଗ ଶିକ୍ଷାନୁଷ୍ଠାନର ପିଲାମାନେ ଦୀପାବଳି ସାମଗ୍ରୀ ତିଆରି କରି ଅନ୍ୟମାନଙ୍କ ପାଇଁ ସ୍ୱାବଲମ୍ବି ହେବାର ପ୍ରେରଣା ସାଜିଛନ୍ତି। ଅନୁଷ୍ଠାନର ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ/ଶିକ୍ଷକଙ୍କଠାରୁ ଅତ୍ୟାଧୁନିକ ଶିକ୍ଷା ଲାଭ କରି ଓ ସୃଜନମୂଳକ ପ୍ରଶିକ୍ଷଣ ଲାଭ କରି ଅନୁଷ୍ଠାନର ଦିବ୍ୟାଙ୍ଗ ପିଲାମାନେ ଆଗକୁ ଆଗକୁ ବଢି ଚାଲିଛନ୍ତି। ତେବେ ଦୀପାବଳୀ ପାଇଁ ପ୍ରାୟ ମାସକ ଆଗରୁ ବିଭିନ୍ନ ରକମ ରଙ୍ଗବେରଙ୍ଗ ବତୀ, ମହମବତୀ ଏବଂ ହାତ ତିଆରି ମୂର୍ତ୍ତି ପ୍ରସ୍ତୁତିରେ ଅନୁଷ୍ଠାନର ଭିନ୍ନକ୍ଷମ ପିଲା ଲାଗି ପଡ଼ିଥିଲେ। ପ୍ରଶିକ୍ଷକମାନଙ୍କ ଉତ୍କୃଷ୍ଟ ପ୍ରଶିକ୍ଷଣ ଓ ପିଲାଙ୍କର ଅକ୍ଳାନ୍ତ ଉଦ୍ୟମଶୀଳ ଦକ୍ଷତା ଓ ନିଖୁଣ ପ୍ରତିଭା ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି। ତେବେ ଦିବ୍ୟାଙ୍ଗ ପିଲାମାନେ ନିଜ ହାତ ତିଆରି ଦୀପ ଓ ମହମବତୀ ଆଦି ଦୀପାବଳୀ ସାମଗ୍ରୀଗୁଡିକ ନେଇ ବଜାରରେ ବିକ୍ରି ପାଇଁ ଗଛିତ କରୁଥିବାବେଳେ ସେଗୁଡ଼ିକ ଖୁବ ବିକ୍ରି ହେଉଛି ଓ ଭଲ ରୋଜଗାର ମଧ୍ୟ ହେଉଛି। ପିଲାମାନଙ୍କ ଏଭଳି ସ୍ୱାବଲମ୍ବୀ ଗତିବିଧିକୁ ପ୍ରୋତ୍ସାହିତ କରିବା ପାଇଁ ବୁଧବାର ଶ୍ରଦ୍ଧା ଅନୁଷ୍ଠାନରେ ପ୍ରଦୂଷଣ ରହିତ ଦୀପାବଳୀ ଉତ୍ସବ ପାଳନ ହୋଇଥିଲା। ଉତ୍ସବରେ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଶାଖା ପରିଚାଳକ ଶୁଭକାନ୍ତ ବୋଇତିଙ୍କ ସମେତ ଜୟଜିତ ଚକ୍ରବର୍ତ୍ତୀ ପ୍ରମୁଖ ସାମିଲ ହୋଇ ଦିବ୍ୟାଙ୍ଗ ପିଲାଙ୍କ ସହ ଦୀପାବଳୀ ପାଳନ କରିବା ସହ ସେମାନଙ୍କଠାରୁ ସାମଗ୍ରୀ କିଣିଛନ୍ତି। ଏ ପରିପ୍ରେକ୍ଷୀରେ ଅନୁଷ୍ଠାନର ସଭାପତି ପଶୁପତିନାଥ ଚାଟାର୍ଜୀ, ସମ୍ପାଦକ କାର୍ତ୍ତିକ ପାଣ୍ଡବ, ଶିକ୍ଷୟିତ୍ରୀ ସୁଜାତା ରାଉତ, ପ୍ରୀତି ବାରିକ, ଅଳି ମହାରଣା ଓ ଦିବ୍ୟାଙ୍ଗଙ୍କ ଅଭିଭାବକ/ଅଭିଭାବିକା ମାନେ ଯୋଗ ଦେଇଥିଲେ।

## ଏନ୍‌ଆଇଟି ମିଲେଟ ଆଧାରିତ ପ୍ରୋବାୟୋଟିକ୍ ପାନୀୟର ଶୁଭାରମ୍ଭ

**ରାଉରକେଲା, ୩୦ା୧୦(ସଙ୍ଗୀତା ଜେନା)**

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲା ଆଲୁମିନି କ୍ୟାମ୍ପସରେ ଆୟୋଜିତ ମଲ୍ଟି-ଏଥନିକ୍ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାରତର ପ୍ରଥମ ମିଲେଟ ଆଧାରିତ ପ୍ରୋବାୟୋଟିକ ପାନୀୟ 'ଗୁଟ୍‌ଜି ଆରମ୍ଭ କରାଯାଇଛି। ଏହି ଉନ୍ମୋଚନ ରାଉରକେଲାରେ ଗୁଟ୍‌ଜିର ପ୍ରାରମ୍ଭିକ ପରିଚୟକୁ ଚିହ୍ନିତ କରିଥିଲା ଏବଂ ଶିକ୍ଷାନୁଷ୍ଠାନର ଆଲୁମିନିଙ୍କ ଉଦ୍ୟୋଗୀ ସଫଳତାକୁ ଆଲୋକିତ କରିଥିଲା। ଏହି କାର୍ଯ୍ୟକ୍ରମ ଆଧୁନିକ ଉପଭୋକ୍ତା ପସନ୍ଦ ସହିତ ପରମ୍ପରାକୁ ମିଶ୍ରଣ କରି ସୁସ୍ଥତା--କେନ୍ଦ୍ରିତ ପାନୀୟ ବଜାରରେ ଅବଦାନ ଭାବରେ ଗୁଟ୍‌ଜିକୁ ପ୍ରଦର୍ଶନ କରିଥିଲା। ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ୨୦୧୨ ସ୍ନାତକ ରୋହିତ କୁମାର ସିଂଙ୍କ ସହ ମିଳିତ ଭାବରେ ପ୍ରତିଷ୍ଠିତ ହୋଇଛି। ଏହି ଅବସରରେ କମ୍ପାନୀର ଅନ୍ୟ ସହପ୍ରତିଷ୍ଠାତା ଭାବରେ କାର୍ଯ୍ୟ କରୁଥିବା ସତ୍ୟବ୍ରତ ମୁନି ଏବଂ ଉତ୍ପାଦ ବିକାଶର ନେତୃତ୍ୱ ନେଉଥିବା ଅନୁରାଗ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଗୁଟ୍‌ଜିର ସହପ୍ରତିଷ୍ଠାତା ତଥା ବିକ୍ରୟ ଏବଂ ମାର୍କେଟିଂ ହେଡ୍ ରୋହିତ କହିଲେ, ଏନଆଇଟି ରାଉରକେଲାରେ ଗୁଟ୍‌ଜି ଆରମ୍ଭ କରିବା ଉଦ୍ୟୋଗୀ ଯାତ୍ରା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ପ୍ରଫେସର ହିମାଂଶୁ ଭୂଷଣ ସାହୁ, ଡିନ୍ (ଆଲୁମିନି, ଇଣ୍ଡଷ୍ଟ୍ରି ଏବଂ ଅନ୍ତର୍ଜାତୀୟ ସମ୍ପର୍କ) ମନ୍ତବ୍ୟ ଦେଇ କହିଲେ ଏନ୍‌ଆଇଟି ରାଉରକେଲାରେ କ୍ରମାଗତ ଭାବରେ ଏକ ଅଭିନବ ସଂସ୍କୃତି ଗ୍ରହଣ କରିଛି ଏବଂ ଏକ ଉଦ୍ୟୋଗୀ ମାନସିକତାକୁ ଉତ୍ସାହିତ କରିଆସିଛି। କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବାରେ ଆଲୁମିନି ସେଲକୁ ନିରନ୍ତର ସମର୍ଥନ କରିଥିବାରୁ ନିର୍ଦ୍ଦେଶକ ପ୍ରଫେସର କେ. ମାହେଶ୍ୱର ରାଓଙ୍କୁ ମଧ୍ୟ କୃତଜ୍ଞତା ଜଣାଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ରାସାୟନିକ ଇଞ୍ଜିନିୟରିଂ ବିଭାଗର ବ୍ୟାଚ୍ ୧୯୯୯ ଆଲୁମିନାସ୍ ସିଦ୍ଧାର୍ଥ ମହାନ୍ତି। ଏହି ପାନୀୟରେ ଫକ୍ସଟେଲ ମିଲେଟ, ଅଦା, ମସଲା ଭଳି ପ୍ରାକୃତିକ ଉପାଦାନରୁ ନିର୍ମିତ ପାରମ୍ପରିକ ମୃଦୁ ପାନୀୟ ପାଇଁ ଏକ ବୋଲ୍ଡ ଏବଂ ସ୍ୱାଦଯୁକ୍ତ ବିକଳ୍ପ ପ୍ରଦାନ କରେ। ଏହି ପାନୀୟ ଲାକ୍ଟୋଜ୍ ମୁକ୍ତ, ଭେଗନ ଏବଂ ଚିନିମୁକ୍ତ।




ଅତିଥିମାନେ ଉନ୍ମୋଚିତ କରୁଛନ୍ତି।



ମହୋତ୍ସବରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।

# ସିନର୍ଜୀ ଲୋକ ସାଂସ୍କୃତିକ ମହୋତ୍ସବ

**ରାଉରକେଲା,୩୦ା୧୦(ବିପ୍ଳବରଞ୍ଜନ ଦାଶ)**

ଆର୍‌ଏସ୍‌ପି ସିଏସ୍‌ଆର୍ ବିଭାଗ ଦ୍ୱାରା ନୂଆଗାଁ ବ୍ଲକ ଅନ୍ତର୍ଗତ ବରାଇପଡା ଗ୍ରାମରେ ଜୋନସ୍ତରୀୟ ସିନର୍ଜୀ ଲୋକ ସାଂସ୍କୃତିକ ମହୋତ୍ସବ-୨୦୨୪ ଆୟୋଜିତ ହୋଇଯାଇଛି। ମହୋତ୍ସବରେ ବିଭିନ୍ନ ଗ୍ରାମର ୩୦ଟି ନୃତ୍ୟଦଳ ଅଂଶଗ୍ରହଣ କରିଥିଲେ। ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପି ସହର ପ୍ରଶାସନ ଓ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ୍ ଇନଚାର୍ଜ ପି.କେ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ଇନଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ଜିଏମ୍ ବିଭାବସୁ ମଲ୍ଲିକ, ଏଜିଏମ ଟି.ବି ଟପ୍ପୋ ଏବଂ ଏ.ଏନ ପତି, ଡେପୁଟି ମ୍ୟାନେଜର ରିଚା ସୁଧିରମ, ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଜ୍ୟୋତି ଟେଟେ

### ହାରଗୁଢ଼ା ଗ୍ରାମ ବିର୍ସା ମୁଣ୍ଡା ନୃତ୍ୟଦଳ ଚାମ୍ପିୟନ

ତଥା ଅଙ୍କୁରପାଲି ସରପଞ୍ଚ ସୁଶୀଳ ଟପ୍ପୋ ଏବଂ ସିଏସ୍‌ଆର ବିଭାଗର ଅନ୍ୟ ଅଧିକାରୀ ଓ ଷ୍ଟାଫ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଓ ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ। ଏନେଇ ମୁଖ୍ୟଅତିଥି ମହୋତ୍ସବରେ କୃତୀତ୍ୱ ଅର୍ଜନ କରିଥିବା ନୃତ୍ୟ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ବୁଦ୍ଧିମନ୍ତ ଆଦିବାସୀ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ତଥା ସାଂସ୍କୃତିକ ଐତିହ୍ୟର ପ୍ରୋତ୍ସାହନ ପାଇଁ ସିଏସ୍‌ଆର ବିଭାଗର ପ୍ରୟାସର ପ୍ରଶଂସା କରିଥିଲେ। ପରେ ମୁଖ୍ୟଅତିଥି ନୃତ୍ୟ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ନୃତ୍ୟ ଦଳଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ। ହାରୁଗଁଦା ଗ୍ରାମର ବୀର ବିର୍ସା ମୁଣ୍ଡା ଦଳ ପ୍ରଥମ ପୁରସ୍କାର ଲାଭ କରି ନଗଦ ୧୦ହଜାର ଟଙ୍କା ଏବଂ ଚାମ୍ପିୟନ ଟ୍ରଫି ଲାଭ କରିଥିଲା। ବଡଜୋଡା ଦ୍ୱିତୀୟ ଦଳ ଭାବେ ୮ହଜାର ଟଙ୍କା ଏବଂ ଟ୍ରଫି ଲାଭ କରିଥିଲା। ବରଡେଗା ଗ୍ରାମର ଜଗନ୍ନାଥ ନୃତ୍ୟ ଦଳ ତୃତୀୟ ପୁରସ୍କାର ଆକାରରେ ୬ହଜାର ଟଙ୍କା ଓ ଟ୍ରଫି ଲାଭ କରିଥିଲେ। ଏଥିସହ ଅବଶିଷ୍ଟ ଦଳଗୁଡ଼ିକୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୨୫ଶହ ଲେଖାଏଁ ପ୍ରଦାନ କରାଯାଇଥିଲା। ଆୟୋଜିତ ନୃତ୍ୟ ମହୋତ୍ସବ ବରାଇଗଡା ଗାଁର ସୁନୟନା ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଓ ଆର୍‌ଏସ୍‌ପି ସିଏସ୍‌ଆର୍ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ, ଟି.ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ। ଫିଲ୍ଡ ଆସିଷ୍ଟାଣ୍ଟ ବି.ଏକ୍କା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଇସ୍ପାତ ସହର ଶ୍ରେଷ୍ଠ ଯୁବ ବକ୍ତା ପ୍ରତିଯୋଗିତା

**ରାଉରକେଲା,୩୦ା୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ସମସ୍ତ ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବାକ୍ ଦକ୍ଷତା ବିକାଶ ପାଇଁ ଆର୍‌ଏସ୍‌ପି ଶିକ୍ଷା ବିଭାଗ ତରଫରୁ ଇସ୍ପାତ ସହର ଶ୍ରେଷ୍ଠ ଯୁବ ବକ୍ତା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇସ୍ପାତ ବିଦ୍ୟା ମନ୍ଦିର ସେକ୍ଟର-୧୯ ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୭ଟି ବିଦ୍ୟାଳୟ ଓ ଯୁକ୍ତ ୨ ଉଚ୍ଚ ବିଦ୍ୟାଳୟର ପ୍ରାୟ ୪ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଓଡ଼ିଆ, ହିନ୍ଦୀ ଏବଂ ଇଂଲିଶ ଭାଷାରେ ପ୍ରତିଯୋଗିତା ହୋଇଥିଲା। ଜୁନିୟର ବର୍ଗରେ ଦିଆଯାଇଥିବା ବିଷୟବସ୍ତୁ ଥିଲା ବିଦ୍ୟାଳୟ ଜୀବନରେ ଅନୁଶାସନର ମହତ୍ତ୍ୱ। ସବ୍‌ଜୁନିୟର ବର୍ଗରେ ବିଷୟବସ୍ତୁ ଥିଲା ପୃଥିବୀକୁ କିଭଳି ଏକ ଉନ୍ନତତର ସ୍ଥାନରେ ରୂପାନ୍ତର କରିବା ଏବଂ ସିନିୟର ବର୍ଗର ବିଷୟ ବସ୍ତୁ ଥିଲା ସାମାଜିକ ଗଣମାଧ୍ୟମ ବରଦାନ ନା ଅଭିଶାପ। ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି. କେ. ସ୍ୱାଇଁ ଓ ସହର ସେବା ବିଭାଗର ଜିଏମ୍ ଅସୀମ ସାବତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷା ବିଭାଗର ଜୁନିୟର ମ୍ୟାନେଜର ସୁଜିତ କୁମାର ନାୟକ ଓ ବରିଷ୍ଠ କାର୍ଯ୍ୟନିର୍ବାହୀ ସହାୟକ ଡି. ପି ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ୨୦୦୫ରେ ଆର୍‌ଏସ୍‌ପି ଦ୍ୱାରା ଇସ୍ପାତ ସହର ଶ୍ରେଷ୍ଠ ଯୁବ ବକ୍ତା ପୁରସ୍କାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ପରଠାରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବାକ୍ ପଟୁତାର ପ୍ରସାର ଓ ବିକାଶ ପାଇଁ ଆର୍‌ଏସ୍‌ପି ଏହାକୁ ଆୟୋଜନ କରିଆସୁଛି। ଚଳିତ ବର୍ଷ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ନଭେମ୍ବର ୧୪ତାରିଖ ଶିଶୁ ଦିବସ ଅବସରରେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ।



କାର୍ଯ୍ୟକ୍ରମରେ ଜଣେ ପ୍ରତିଯୋଗୀ ବକ୍ତବ୍ୟ ଦେଉଛନ୍ତି।

## ବାଣ ଲାଇସେନ୍ସ ବାବଦକୁ ସଂଗୃହୀତ ଅର୍ଥ ଜିଲା ରେଡ୍‌କ୍ରସ୍‌କୁ ହସ୍ତାନ୍ତର

**ସୁନ୍ଦରଗଡ଼,୩୦ା୧୦(ଜୟ ନାରାୟଣ ମେଣ୍ଡୁଲି)**

ବାଣ ଲାଇସେନ୍ସ ବାବଦକୁ ସଂଗୃହୀତ ଅର୍ଥ ଜିଲା ରେଡକ୍ରସକୁ ହସ୍ତାନ୍ତର ହୋଇଛି। ଚଳିତ ବର୍ଷ ୬୧୧ ଜଣ ବାଣ ଲାଇସେନ୍ସ ନିମନ୍ତେ ଆବେଦନ କରିଥିଲେ ଏବଂ ସେଥିମଧ୍ୟରୁ ୫୫୮ ଜଣ ଲାଇସେନ୍ସ ନେଇଥିଲେ। ଏହି ଲାଇସେନ୍ସ ବାବଦକୁ ବିଭାଗ ପକ୍ଷରୁ ୫,୫୮,୦୦୦ ଟଙ୍କା ସଂଗୃହୀତ ହୋଇଥିଲା। ସେହି ସଂଗୃହୀତ ଅର୍ଥ ଜିଲା ରେଡକ୍ରସକୁ ହସ୍ତାନ୍ତର କରାଯାଇଛି।

## ପୂର୍ବତନ ନଗରପାଳଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା/ବନ୍ଧମୁଣ୍ଡା,୩୦ା୧୦ (ସଙ୍ଗୀତା ଜେନା/ସୁବ୍ରତ ଦେ):** ବନ୍ଧମୁଣ୍ଡାର ସି-ସେକ୍ଟର ସ୍ଥିତ ବଙ୍ଗଭାରତୀଠାରେ ବୁଧବାର ସନ୍ଧ୍ୟାରେ ରାଉରକେଲାର ପୂର୍ବତନ ନଗରପାଳ ନରେନ୍ଦ୍ର ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ଥାନୀୟ ବିଜେଡି କର୍ମୀମାନେ ସ୍ୱର୍ଗତ ନରେନ୍ଦ୍ର ତ୍ରିପାଠୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ସମସ୍ତ ପାର୍ଟି କର୍ମୀ ହାତରେ ମହମବତୀ ଧରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଚନ୍ଦନ ତରାଇ କହିଛନ୍ତି, ସ୍ୱର୍ଗତ ନରେନ୍ଦ୍ର ତ୍ରିପାଠୀ ତାଙ୍କ ଜୀବନକୁ ରାଉରକେଲା ଲୋକଙ୍କ ସେବାରେ ଉତ୍ସର୍ଗ କରିଛନ୍ତି। ସେ ସର୍ବଦା ମାନବ ସେବାକୁ ତାଙ୍କ ଜୀବନର ମୂଳମନ୍ତ୍ର ଭାବେ ଗ୍ରହଣ କରୁଥିଲେ। କାର୍ଯ୍ୟକ୍ରମରେ ତୃପ୍ତିମଇ ସ୍ୱାଇ, ଚନ୍ଦନ ତରାଇ, ଅବିନାଶ ଯାଦବ, ନୀତିଶ ମୁଖୀ, ଉଜ୍ୱଳ ଭଟ୍ଟାଚାର୍ଯ୍ୟ, ଜନ୍ ଭେଙ୍ଗ୍ରା, ଶିବ ମିଶ୍ର, ସମୀର ତିର୍କୀ, ରୋହିତ ମୁଖୀ, ସୁରଜ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶହୀଦ ଜୟୀରାଜଗୁରୁଙ୍କ ବଳିଦାନ ନେଇ ସ୍ମୃତିଚାରଣ ସଭା

**ରାଉରକେଲା,୩୦ା୧୦(ବିପ୍ଳବରଞ୍ଜନ ଦାଶ)**

ବେଦବ୍ୟାସସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟଠାରେ ଶହୀଦ ଜୟୀ ରାଜଗୁରୁଙ୍କର ୧୮୬ତମ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଜୟୀରାଜଙ୍କ ଅତୁଳନୀୟ ବଳିଦାନକୁ ନେଇ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ କଲେଜର ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସଭାରେ ଆଲୋଚକ ଭାବେ ସମାଜସେବୀ ରମେଶ ଚନ୍ଦ୍ର ଜେନା ଯୋଗଦେଇଥିଲେ। ଏନେଇ କଲେଜ ଅଧ୍ୟକ୍ଷ ଓ ଆଲୋଚକ ଶହୀଦ ଜୟୀରାଜ ଗୁରୁଙ୍କର ସ୍ମୃତିଚାରଣ କରି କହିଥିଲେ ଯେ, ଖୋର୍ଦ୍ଧାଗଡ଼ର ସ୍ୱାଧୀନତା ହାସଲରେ ତାଙ୍କ ଅବଦାନ ଭାରତ ଇତିହାସରେ ସର୍ବଦା ଜୀବନ୍ତ। ବରୁଣେଇଗଡ ଜୟୀରାଜଙ୍କର ସ୍ୱାଧୀନତା ସଂଗ୍ରାମର କେନ୍ଦ୍ରବିନ୍ଦୁ ସାଜିଥିଲା। ବ୍ରିଟିଶ ଗୋରା ସିପାହୀ ଜୟୀରାଜଙ୍କର ଅପାର ସାହସ ଓ ବୀରତ୍ୱ ଆଗରେ ବହୁଥର ଛତ୍ରଭଙ୍ଗ ଦେଇଥିଲେ। ମାତ୍ର ମୁଷ୍ଟିମେୟ ବ୍ରିଟିଶ ସରକାରଙ୍କର କ୍ରୀତଦାସଙ୍କ କୁଚକ୍ରରେ ବ୍ରିଟିଶ ସିପାହୀଙ୍କ ଦ୍ୱାରା ବୀର ଶହୀଦ ଜୟୀରାଜ ଖୋର୍ଦ୍ଧାଗଡ଼ ସ୍ୱାଧୀନତା ପାଇଁ ହସିହସି ନିଜ ପ୍ରାଣବଳୀ ଦେଇଥିଲେ। ମାତ୍ର ଜୟୀରାଜଙ୍କ ଦେଶପ୍ରେମ ଭାବନା ଏବଂ ଦେଶପାଇଁ ଦେଇଥିବା ବଳିଦାନ ଗାଥା ସର୍ବଦା ସ୍ମରଣୀୟ ରହିବ ବୋଲି କହିଥିଲେ। ଏହା ପରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଶହୀଦ ଜୟୀରାଜ ଗୁରୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡ. କାଳିକିଙ୍କର ପଣ୍ଡା, ଡ. ଅମୂଲ୍ୟ ଜେନା ଉପସ୍ଥିତ ରହିଥିଲେ।



ଜୟୀରାଜଗୁରୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଉଛି।

## ଆର୍‌ଏସ୍‌ପିର ଇଆରଡବ୍ଲ୍ୟୁ ପାଇପ୍ ପ୍ଲାଣ୍ଟ ଦ୍ୱାରା ନୂତନ ପରିମାପର ପାଇପ୍ ପ୍ରସ୍ତୁତିରେ ସଫଳତା

**ରାଉରକେଲା,୩୦ା୧୦(ବିପ୍ଳବରଞ୍ଜନ ଦାଶ)**

ଆର୍‌ଏସ୍‌ପିର ଇଆର୍‌ଡବ୍ଲ୍ୟୁ ପାଇପ ପ୍ଲାଣ୍ଟ ମିଲରୁ ୪ ମିଲିମିଟର ମୋଟେଇ ବିଶିଷ୍ଟ ପାଇପ ସଫଳତାର ସହିତ ଉତ୍ପାଦନ ଓ ପ୍ରକ୍ରିୟାକରଣ କରିଛି। ଏହା ଇଆର୍‌ଡବ୍ଲ୍ୟୁ ପାଇପ୍ ପ୍ଲାଣ୍ଟରେ ଯେକୌଣସି ବ୍ୟାସରେ ୪ମିମି ମୋଟେଇ ପାଇପ୍‌ର ପ୍ରଥମ ଉତ୍ପାଦନ। ଏଥିପୂର୍ବରୁ ୮୫/୮ ଇଞ୍ଚ ଏବଂ ୧୦୩/୪ ଇଞ୍ଚ ବାହ୍ୟ ବ୍ୟାସ ପାଇପରେ ସବୁଠୁ ପତଳା ୪.୩ ମିଲିମିଟର ମୋଟେଇ ପ୍ରକ୍ରିୟାକରଣକୁ ପରୀକ୍ଷାମୂଳକ ଭାବରେ ଗ୍ରହଣ କରାଯାଇଥିଲା। ୧୪ଇଞ୍ଚ ବାହ୍ୟ ବ୍ୟାସରେ ସଫଳତାର ସହିତ ବିନିଯୋଗ କରି ହାସଲ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ପାଇପ ଗଠନରେ ଏକ ଉଚ୍ଚ ଡି/ଟି ଅନୁପାତ ଏକ ଗୁରୁତ୍ୱପୂର୍ଣ୍ଣ ପରିମାପକତା ଅଟେ। କାରଣ ଏହା ଗଠନ ସମୟରେ ପାଇପଗୁଡିକର ଆକାରରେ ସମସ୍ୟାର ସମ୍ଭାବନା ରହିଥାଏ। ଏଥିନିମନ୍ତେ ଗୋଲକତ୍ୱ ବଜାୟ ରଖିବା ଓ ଓଭାଲିଟିକୁ ଏଡାଇବା ପାଇଁ ଏହାର ଅଧିକ ସଠିକତା



ପାଇପ ପ୍ଲାଣ୍ଟ ଅଧିକାରୀ ଓ କର୍ମଚାରୀ।

ଆବଶ୍ୟକ ହୋଇଥାଏ। ଅଧିକ ଡି/ଟି ଅନୁପାତ ଥିବା ପାଇପ ଗୁଡିକରେ ଅଧିକ ଷ୍ଟ୍ରେନ ଓ ବିକୃତୀ ଅନୁଭୂତ ହୋଇଥାଏ। ଯାହାକି ଓଲଡିଙ୍ଗ ଗୁଣ ଉପରେ ପ୍ରଭାବ ପକାଇଥାଏ। ତ୍ରୁଟିମୁକ୍ତ ଓଲ୍ଡ ହାସଲ କରିବା ପାଇଁ ଓଲ୍ଡିଙ୍ଗ ପରିମାପକତା ଗୁଡିକର ଠିକ ନିୟନ୍ତ୍ରଣ ଜରୁରୀ। ଏହି ପାଇପଗୁଡିକ ସାଧାରଣତଃ ଅଧିକ ପ୍ରକ୍ରିୟାକରଣ ଏବଂ ଗୁଣାତ୍ମକ ନିୟନ୍ତ୍ରଣ ଖର୍ଚ୍ଚ ଆବଶ୍ୟକ କରିଥାଏ। ଅଧିକ ଡି/ଟି ଅନୁପାତ ସହିତ ଏହି ଇଆରଡବ୍ଲ୍ୟୁ ପାଇପଗୁଡିକ ସେଲ ପାଇପଗୁଡିକୁ କମ ଚାପ ଓ ଲୋଡ ଇଂଟେନ୍ସିଭ ପ୍ରୟୋଗରେ ପ୍ରବେଶ କରିବାରେ ସାହାଯ୍ୟ କରିବ। ଯେଉଁଥିରେ ଜଳ ପରିବହନ, ଜଳସେଚନ ଓ ସ୍ୱେରେଜ ଲାଇନ ସମେତ ବୈଦ୍ୟୁତିକ/ଯୋଗାଯୋଗ କେବୁଲ ଏବଂ ଏଚଡିଏସିରେ ଡକ୍ଟିଙ୍ଗ କ୍ଷେତ୍ରରେ ବ୍ୟବହୃତ କରାଯିବା ଆଦି ଅନ୍ତର୍ଭୁକ୍ତ ରହିଛି। ପାଇପ ପ୍ଲାଣ୍ଟ ବିଭାଗର ଜିଏମ୍ ଇନଚାର୍ଜ ଏମୟୁ ଲସ୍କରଙ୍କ ନେତୃତ୍ୱରେ ପାଇପ ପ୍ଲାଣ୍ଟର ଉତ୍ସର୍ଗୀକୃତ ଦଳ ଏଚଏସଏମ ଓ ଆନୁସଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାରଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଇପ୍ସିତ ପରିମାପର ପାଇପ ଉତ୍ପାଦନ କରିବାର ଆହ୍ୱାନ ଗ୍ରହଣ କରିଥିଲେ। କେନ୍ଦ୍ରୀୟ ମାର୍କେଟିଙ୍ଗ ସଂସ୍ଥା, ପ୍ଲାଣ୍ଟ ପ୍ରଡକ୍ସନ ଆଣ୍ଡ କଂଟ୍ରୋଲ, ହଟ ଷ୍ଟ୍ରିପ୍ ମିଲ-୨, ରିସର୍ଚ୍ଚ ଏଣ୍ଡ କଂଟ୍ରୋଲ ଲ୍ୟାବ, ଟ୍ରାଫିକ ଏବଂ କଞ୍ଚାମାଲ, ଫିଲ୍ଡ ମେସିନାରୀ ରକ୍ଷଣାବେକ୍ଷଣ ସମେତ ସମସ୍ତ ସହାୟକ ଏଜେନ୍ସିର ଯତ୍ନଶୀଳ ଯୋଜନା ଓ ସହାୟତା ମାଧ୍ୟମରେ ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ ହୋଇପାରିଛି। ଉତ୍ପାଦ ମିଶ୍ରଣରେ ଏହି ସଦ୍ୟତମ ଯୋଗ ସହିତ ଆର୍‌ଏସ୍‌ପି-ଉଚ୍ଚ ଗୁଣାତ୍ମକ, ନିର୍ଦ୍ଦିଷ୍ଟ ପରିମାପ ବିଶିଷ୍ଟ ପାଇପ୍ ସମାଧାନର ଉପରେ ନିର୍ଭରଶୀଳ ଶିଳ୍ପଗୁଡିକର ପ୍ରଗତିଶୀଳ ଜରୁରୀ ପୂରଣ କରିପାରିବ।

# ଖବର ପ୍ରକାଶ ପରେ ଜିଲା ପ୍ରଶାସନ ତତ୍ପର

**ଜିଲାରେ ଲଘୁ ଖଣିଜ ଲୁଟ୍, ଖଣି ଅଧିକାରୀଙ୍କ ନାଲି ଆଖି ଦେଖାଇବା ଘଟଣା**

■ ତଦନ୍ତ ସହ ବିଭିନ୍ନ ବିଭାଗରେ ହେବ ସ୍ୱତନ୍ତ୍ର ବୈଠକ



ଦେବଗଡ଼,୩୦।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡରେ ଖୋଲାଖୋଲି ଭାବେ ଚାଲିଛି ଖଣିଲୁଟ। ସେ ବାଲିଘାଟ ହେଉ କି ପଥର କ୍ୱାରୀ ବିନା ଲିଜ୍‌ଲୁଟ ହେବା ଫଳରେ ସରକାର ପ୍ରତି ମାସରେ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ସହୁଛନ୍ତି। ଦେବଗଡ଼ ଜିଲାର ଲଘୁ ଖଣିଜ ସମ୍ପଦ ତହସିଲ ବିଭାଗରୁ ଖଣି ବିଭାଗକୁ ସ୍ଥାନାନ୍ତର ପରଠାରୁ ଜିଲାରେ ଖୋଲାଖୋଲ ଲୁଟ ଚାଲିଛି। ଲଘୁ ଖଣିଜ ଦ୍ରବ୍ୟ ଲୁଟ ହେଉଥିଲେ ଜିଲା ଖଣି ବିଭାଗ ସମ୍ପୂର୍ଣ୍ଣ ନିଦା ବିଷ୍ଣୁ ସାଜିଥିବା ଏବଂ ବିନା ଲିଜ୍ ପରିମିଟରେ ଟ୍ରକ୍ ଟ୍ରକ୍ ବାଲି ଲୁଟ୍ ସହ ପଥର କ୍ୱାରୀ ଖନନ ଲିଜ୍ ସରିଯିବା ପରେ ମଧ୍ୟ ପାହାଡ କାଟି ପଥର ଲୁଟ୍ ଚାଲିଛି। ହେଲେ ସବୁଜାଣି ଜିଲା ଖଣି ଅଧିକାରୀ ଚୁପ୍ ବସିଛନ୍ତି। ଏହି ଖବର ଗତ ୨୮ ତାରିଖରେ ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ତତ୍ପର ହୋଇ ଜିଲାରେ ବାଲି ଓ ପଥର ମାଫିଆଙ୍କ ବିରୋଧରେ ଅଣ୍ଟା ଭିଡୁଥିବା ଜଣାପଡିଛି। ସେହିପରି ଗତ ଶନିବାର ଛୁଟି ଦିନରେ ଜିଲା ଖଣି କାର୍ଯ୍ୟାଳୟରେ ଲାଇଟ ବନ୍ଦ କରି ଖଣି ଅଧିକାରୀ ବାଲି ମାଫିଆଠାରୁ ଅର୍ଥ ଗ୍ରହଣର ଚିତ୍ର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ପରେ ଜିଲା ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଥିଲା। ସ୍ଥାନୀୟ ଲୋକଙ୍କ କହିବା ହେଲା, ଖଣି ଅଧିକାରୀଙ୍କ ଅଜାଣତରେ ଏତେ ବଡ ଲୁଟ୍ ସମ୍ଭବ ନୁହେଁ। ଜିଲାର ୯ଟି ବାଲିଘାଟରୁ ୬ଟି ବାଲିଘାଟର ଟେଣ୍ଡର ସରିଥିଲେ ମଧ୍ୟ ୫ଟି ବାଲିଘାଟର ନିଲାମ ଅର୍ଥ ସରକାରଙ୍କ ରାଜକୋଷରେ ଜମା କରାଯାଇ ନାହିଁ। ମାତ୍ର ସମସ୍ତ ବାଲି ଘାଟରୁ ପ୍ରତିଦିନ ଶହଶହ ଟ୍ରିପ ହାଇୱା ଯୋଗେ ପଡୋଶୀ ଜିଲାକୁ ଚାଲାଣ କରାଯାଉଛି। ଏଥି ପାଇଁ କିଛି ବାଲି ମାଫିଆ ଜିଲା ଖଣି ଅଧିକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଥିବା କୁହାଯାଇଛି। ଜିଲାରେ ବାଲି ଓ ପଥର ଖାଦାନର ସଂଖ୍ୟା ଓ ତାହାର ସ୍ଥିତି ସମ୍ପର୍କରେ ଜିଲା ଖଣି ଅଧିକାରୀଙ୍କ ମତାମତ ନେବାକୁ ଗଣମାଧ୍ୟମ ପ୍ରତିନିଧିମାନେ ଚେଷ୍ଟା କରିଥିଲେ। ହେଲେ ଗଣମାଧ୍ୟମମାନଙ୍କୁ ଦେଖି ଜିଲା ଖଣି ଅଧିକାରୀ ନିଜ ଚ୍ୟାମ୍ବରରେ ଲାଇଟ ବନ୍ଦ କରିଦେଉଛନ୍ତି। ଗଣମାଧ୍ୟମମାନେ ବାରମ୍ବାର ପ୍ରଶ୍ନ କଲେ ମଧ୍ୟ ତାର ଉତ୍ତରେ ଦେଉନାହାନ୍ତି। ଅନ୍ୟପକ୍ଷରେ ଛୁଟି ଦିବସରେ କାର୍ଯ୍ୟାଳୟ ମଧ୍ୟରେ କେତେକ ବାଲି ମାଫିଆଙ୍କ ସହ କଥାବାର୍ତ୍ତା ଚଳାଇଥିବା ଏବଂ ଅର୍ଥ କାରବାର କରି ପକେଟରେ ପୁରାଉଥିବା ଚିତ୍ର କ୍ୟାମେରାରେ ରେକର୍ଡ ହେବା ଜାଣି ଖଣି ଅଧିକାରୀ ସାହୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ନାଲି ଆଖି ଦେଖାଇକୁ ପଛାଇ ନ ଥିଲେ। ଏହି ଘଟଣାର ତଦନ୍ତ ସହ ଜିଲା ରାଜସ୍ୱ, ପୋଲିସ, ଖଣି ଓ ଜଙ୍ଗଲ ବିଭାଗକୁ ନେଇ ଆସନ୍ତା ନଭେମ୍ବର ୪ରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଜିଲାପାଳ ସାହୁ ଡକାଇଥିବା ଜଣାପଡିଛି। ସେହିପରି ଗଣମାଧ୍ୟମକୁ ତଥ୍ୟ ଦେବାରେ କୌଣସି ଅସୁବିଧା ନାହିଁ, ମାତ୍ର ଖଣି ଅଧିକାରୀ କାହିଁକି ତଥ୍ୟ ଲୁଚାଉଛନ୍ତି ସେ ନେଇ ତାଙ୍କୁ ତାଗିଦ କରାଯିବ ବୋଲି ଜିଲାପାଳ ସାହୁ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# କାନାରା ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୩୦।୧୦

କାନାରା ବ୍ୟାଙ୍କର ନୂତନ ଶାଖା (ବ୍ରଜରାଜନଗର ଶାଖା) ନିକଟରେ ଝାରସୁଗୁଡ଼ା ଜିଲାର ବ୍ରଜରାଜନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କାନାରା ବ୍ୟାଙ୍କର ରାଜ୍ୟ ମୁଖ୍ୟ ତଥା ମହାପ୍ରବନ୍ଧକ ଜଗଦୀଶ ଚନ୍ଦର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାନାରା ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ମନୋଜ ଏସ୍‌ଆର୍‌ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ମହାପ୍ରବନ୍ଧକ ଚନ୍ଦର ବ୍ୟାଙ୍କିଙ୍ଗ୍ ସେବାକୁ ସହଜ କରାଯିବା ସହ ଯୋଗ୍ୟ ଗ୍ରାହକମାନଙ୍କୁ କୃଷିଋଣ, ସ୍ୱର୍ଣ୍ଣଋଣ, ଗୃହଋଣ, ଗାଡ଼ିଋଣ ଓ ଶିକ୍ଷାଋଣ ଆଦିର ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ। ଅପରପକ୍ଷରେ କାନାରା ପ୍ରିମିୟମ ପେ ରୋଲ୍ ପ୍ୟାକେଜ ସ୍କିମ୍ (ବେତନ ଆକାଉଣ୍ଟ) ସହିତ ସ୍ୱତନ୍ତ୍ର ବ୍ୟାଙ୍କିଙ୍ଗ୍ ସେବା ଯେପରି ୬ଲକ୍ଷ ଟଙ୍କାର ଟର୍ମ ଇନ୍‌ସ୍ୟୁରାନ୍ସ, ୧କୋଟି ଟଙ୍କା ପର୍ଯ୍ୟନ୍ତ ମାଗଣା ବ୍ୟକ୍ତିଗତ ଓ ଦୁର୍ଘଟଣା ବୀମା ଓ ଇନ୍‌ଷ୍ଟାଣ୍ଟ ଓଭରଡ୍ରାଫ୍ଟ ସୁବିଧା ଆଦିର ବୈଶିଷ୍ଟ୍ୟଗୁଡିକ ସମ୍ପର୍କରେ ଚନ୍ଦ୍ରର ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏଥିସହ କାନାରା ଆସ୍‌ପାୟାର ସେଭିଂସ ଆକାଉଣ୍ଟର ଶୁଭାରମ୍ଭ ମଧ୍ୟ କରାଯାଇଥିଲା। ଯେଉଁଥିରେ ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରିରେ ପ୍ରଥମ ଥର ନିର୍ଦ୍ଧାରିତ ମାସିକ ହାରାହାରି ବାଲାନ୍ସ ବଜାୟ ରଖିଥିବା ଗ୍ରାହକମାନେ କୋର୍ସେରାର ବିଭିନ୍ନ ଷ୍ଟ୍ରିମ୍‌ରେ ଦୁଇଟି ମାଗଣା ସାର୍ଟିଫିକେଟ୍ ପାଠ୍ୟକ୍ରମ ପାଇପାରିବା ସହ ଅତିରିକ୍ତ ୦.୫୦% ରିହାତି ପାଇପାରିବେ ଏବଂ ପ୍ରିମିୟମ ପେ ରୋଲ୍ ଆକାଉଣ୍ଟକୁ ସୁବିଧାଜନକ ଭାବେ ଅପ୍‌ଗ୍ରେଡ୍ କରିପାରିବେ। ଉଲ୍ଲେଖଯୋଗ୍ୟ,ବୃହତ୍ ଶାଖା ବିସ୍ତାର କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାହକଙ୍କୁ ସୁବିଧାଜନକ ବ୍ୟାଙ୍କିଙ୍ଗ୍ ସମାଧାନ ଯୋଗାଇଦେବା ଲକ୍ଷ୍ୟରେ କାନାରା ବ୍ୟାଙ୍କ ପକ୍ଷରୁ ଝାରସୁଗୁଡ଼ା ଜିଲାର ବ୍ରଜରାଜନଗରଠାରେ ଏହି ନୂତନ ଶାଖାର ଶୁଭାରମ୍ଭ କରାଯାଇଛି।

# ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି, ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

ଝାରସୁଗୁଡ଼ା,୩୦।୧୦(ସଞ୍ଜୟ ମାଲି)

ପ୍ରାକ୍ ପ୍ରସ୍ତୁତି ବିପର୍ଯ୍ୟୟ ପ୍ରଶମନର ପ୍ରମୁଖ ଅସ୍ତ୍ର। ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବା ଦ୍ୱାରା ବିପର୍ଯ୍ୟୟ ସମୟରେ ଧନଜୀବନ ହାନି ହ୍ରାସ ପାଇଥାଏ ବୋଲି ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ଅତିଥିମାନେ କହିଛନ୍ତି। ସଜାଗ ରହିବା, ସତର୍କ ରହିବା ଓ ବିପର୍ଯ୍ୟୟ ପ୍ରଭାବିତଙ୍କୁ ସହାୟତାର ହାତ ବଢ଼ାଇ ମାନବିକତା ପ୍ରଦର୍ଶନ କରିବା ଜରୁରୀ ବୋଲି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଓ କିଶୋର ଚନ୍ଦ୍ର ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ। ୧୯୯୯ ମହାବାତ୍ୟାରେ ପ୍ରଣ ହରାଇଥିବା ଲୋକମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଲିଖନ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ମଙ୍ଗଳବାର ସକାଳେ ମନମୋହନ ସ୍କୁଲଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ମିନି ମାରାଥନରେ ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟର ଛାତ୍ର ରବି ମୁଣ୍ଡା ପ୍ରଥମ, ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଛାତ୍ର ରେମନ ପଧାନ ଦ୍ୱିତୀୟ ଓ ପୌଲସ୍ତି ଦେହୁରୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ସ୍ୱାଗତ ଭାଷଣ ଓ ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଡିପିଓ ସୁଶାନ୍ତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଚିତ୍ତରଞ୍ଜନ ସାହୁ, କାର୍ତ୍ତିକ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ପଥୋତ୍ସବ, ରାଲିରେ ଭୋଟର ସଚେତନତା



ଓଡ଼ିଶା ପ୍ରଶାସନିକ ସେବାରେ ସଫଳତା ହାସଲ କରିଥିବା ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦେବଗଡ଼,୩୦।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ପ୍ରଶାସନ ପକ୍ଷରୁ ପଥ ଉତ୍ସବ ଏବଂ ଶୋଭାଯାତ୍ରା ମାଧ୍ୟମରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର ଏବଂ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ସବୁଜ ପତାକା ଦେଖାଇ ସଚେତନତା ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ବିଭିନ୍ନ ସାଂସ୍କୃତିକ ଦଳ ସାମିଲ ହୋଇ ଲୋକନୃତ୍ୟ ପରିବେଷଣ କରି ଭୋଟରମାନଙ୍କୁ ସଚେତନ କରିବା ପାଇଁ ରାସ୍ତାର ବିଭିନ୍ନ ସ୍ଥାନରେ ରଙ୍ଗୋଲି କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଜିଲା ପ୍ରଶାସନର ବହୁ ଅଧିକାରୀ ଓ କର୍ମଚାରୀ ଶୋଭାଯାତ୍ରାରେ ସାମିଲ ହୋଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଦେବଗଡ ମହାବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡିଟୋରିୟମକୁ ଯାଇଥିଲେ। ସେଠାରେ ପୂର୍ବାହ୍ନ ପ୍ରାୟ ୧୧ଟା ଯାଏଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ କବୀନ୍ଦ୍ର କୁମାର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। ଯୁବ ଭୋଟରଙ୍କର ପଞ୍ଜୀକରଣ ଏବଂ ପଞ୍ଜୀକୃତ ଥିବା ଭୋଟ କାର୍ଡରେ ତ୍ରୁଟି ସଂଶୋଧନ କରାଇବାକୁ ଜିଲାପାଳ ପରାମର୍ଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ମିଶ୍ର, ଅତିରିକ୍ତ ଜିଲାପାଳ ବିଲୁଙ୍ଗ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷୀତ ସାହୁ ପ୍ରମୁଖ ମତଦାନ ପ୍ରକ୍ରିୟାରେ ସମସ୍ତେ ସାମିଲ ହୋଇ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅଡିଟୋରିୟମ ପରିସରରେ ମକଡ୍ରିଲ ପାଇଁ ଏକ ବୁଥ ଖୋଲାଯାଇ ଯୁବ ଭୋଟର କିଭଳି ମତଦାନ ସାବ୍ୟସ୍ତ କରିବେ ସେ ନେଇ ସଚେତନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଓଡିଶା ପ୍ରଶାସନିକ ସେବାରେ ସଫଳତା ହାସଲ କରି ଦେବଗଡ ଜିଲା ପାଇଁ ଗୌରବ ଆଣିଥିବା ୱାସିମ ମୁକେଶ କୁମାର ଭୋଇ, ଓମପ୍ରକାଶ ବେହେରା, ଭାନୁ ପ୍ରତାପ ମାଝି ଓ ପରିପୂର୍ଣ୍ଣା ଦେବୀଙ୍କୁ ଜିଲା ପ୍ରସଶାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଡେପୁଟୀ କଲେକ୍ଟର ଏଜଲିନ ବାରା, ସୁଶ୍ରୀ ରେଖା ମହନ୍ତ, ମମତାଜ ମହାରଣା, ହେମନ୍ତ କୁମାର ସିଂ, ଈଶ୍ୱର ଚନ୍ଦ୍ର ଗୁରୁ, ତାପସ କୁମାର ମହନ୍ତ, ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ସେକ୍ସନ ଅଫିସର ରଶ୍ମିରେଖା ଦେବୀ ଓ କମଳିନୀ ରଥଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରିଥିଲେ।

# ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ସର୍ଭେ କଲେ ବିଭାଗୀୟ ଅଧିକାରୀ

ଦେବଗଡ଼,୩୦।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ବାଲିରୋଇଠାରେ ନିର୍ମାଣ ହୋଇଥିବା ନୂତନ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ପ୍ରଶାସନକସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ବିଭାଗର ଅଧିକାରୀ କ୍ଷେତ୍ର ପରିଦର୍ଶନ କରିବା ସହିତ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ସର୍ଭେ କରିଥିବା ଜଣାପଡିଛି। ଦେବଗଡ ଉପଜିଲାପାଳ ପରକ୍ଷୀତ ସାହୁଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ଅଧିକାରୀ ବସଷ୍ଟାଣ୍ଡ ପରିସରରେ ବୁଲିବା ସହିତ ବିଭିନ୍ନ ଦିଗକୁ ନେଇ ଯାଞ୍ଚ କରିଥିଲେ। ବିଶେଷ କରି ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ପରେ ଜନସାଧାରଣ ତଥା ବସଯାତ୍ରୀ ଯେଭଳି କୌଣସି ସମସ୍ୟାର ସମ୍ମୁଖିନ ନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀମାନେ ନିଜ ମଧ୍ୟରେ ସମନ୍ୱୟ ରଖିବା ସହିତ ବସଷ୍ଟାଣ୍ଡକୁ ରାସ୍ତା ସଂଯୋଗ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ନେଇ ଏକ ସର୍ଭେ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷେତ୍ର ପରିଦର୍ଶନ ବେଳେ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଅଧୀକ୍ଷଣ ଯନ୍ତ୍ରୀ ରାମ ଚନ୍ଦ୍ର ସେଠୀ, ଏସ୍‌ଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକ, ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାଏକଙ୍କ ସମେତ ଦେବଗଡ ତହସିଲଦାର ଓ ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।



ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ଆୟୋଜକ କମିଟି–ପ୍ରଶାସନ–ପୋଲିସ ବିଭାଗର ସମନ୍ୱୟ ବୈଠକ



ବୈଠକରେ ମା' କାଳୀଙ୍କ ପୂଜା ସମ୍ପର୍କରେ ଆଲୋଚନା କରାଯାଉଛି।

**ବାରକୋଟ ପ୍ରସିଦ୍ଧ କାଳୀପୂଜା ପ୍ରସ୍ତୁତି ଚୂଡ଼ାନ୍ତ**

ଦେବଗଡ଼,୩୦।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟର ପ୍ରସିଦ୍ଧ ସାର୍ବଜନୀନ କାଳୀପୂଜା ମହୋତ୍ସବ ଶାନ୍ତିଶୃଙ୍ଖଳା ଏବଂ ସଫଳତା ସହ ଆୟୋଜନ ପାଇଁ ସାର୍ବଜନୀନ କାଳୀପୂଜା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇସାରିଛି। ଏଥିପାଇଁ ବାରକୋଟ ତହସିଲ କାର୍ଯ୍ୟାଳୟରେ ଆୟୋଜକ ସାର୍ବଜନୀନ କାଳୀପୂଜା କମିଟି–ପ୍ରଶାସନ–ପୋଲିସ ବିଭାଗର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରକୋଟ ଅତିରିକ୍ତ ତହସିଲଦାର ବବ୍ରୁବାହନ ଦତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶାନ୍ତିଶୃଙ୍ଖଳା ସହିତ କିଭଳି ମହୋତ୍ସବ ପାଳନ କରାଯିବ ସେନେଇ ବିସ୍ତୃତ ବାବେ ଆଲୋଚନା କରାଯାଇଥିଲା। ଆୟୋଜକ ସାର୍ବଜନୀନ କାଳୀ ପୂଜା କମିଟି ସଭାପତି ନିରଞ୍ଜନ ମହାପାତ୍ର, ସମ୍ପାଦକ ବେଣୁଧର ମହାପାତ୍ର, ଗଣନାଥ ମହାପାତ୍ର, ବିବେକାନନ୍ଦ ସାହୁ ଓ ବାରକୋଟ ଥାନା ଅଧିକାରିଣୀ ଯାଜ୍ଞସେନୀ ପ୍ରଧାନଙ୍କ ସମେତ ବନ ବିଭାଗ, ବିଦ୍ୟୁତ୍ ବିଭାଗ ଭଳି ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ଅଂଶଗ୍ରହଣ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ, ୩୧ ତାରିଖ ଭବ୍ୟ କଳସ ଯାତ୍ରା ଓ ଅଧିବାସ ସହିତ ସନ୍ଧ୍ୟାରେ ମା' କାଳୀଙ୍କ ପୂଜା ଶୁଭାରମ୍ଭ ହେବ। ୧ରୁ ୧୦ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଷୋଡଶ ଉପଚାର ସପ୍ତସତୀ ଚଣ୍ଡୀପାଠ ସହ ସନ୍ଧ୍ୟାରେ ମା'ଙ୍କ ଦିବ୍ୟ ଆଳତି ଏବଂ ପାରମ୍ପରିକ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। ସେହିପରି ଆସନ୍ତା ୧୧ ତାରିଖ ଅପରାହ୍ନରେ ମା'ଙ୍କ ବିଶର୍ଜନ ସହିତ ମହୋତ୍ସବ ଉଦଯାପିତ ହେବ ବୋଲି ଆୟୋଜକ କାଳୀପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

# କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ଦେବଗଡ଼,୩୦।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଳେଇବଣି ବ୍ଲକ ସୁଗୁଡା କ୍ଲଷ୍ଟର ଅଧୀନ ଗୁଣ୍ଡୁରିପୋଷି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମନ୍ତ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପରମାନନ୍ଦ ବସନ୍ତରା ମଞ୍ଚାସୀନ ଥିଲେ। ବୈଠକରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ବିଷୟବସ୍ତୁ ଆଧାରିତ ନମୁନା ପାଠ୍ୟ ଶ୍ରେଣୀ ଯୋଜନା, ନିପୁଣ ଓଡିଶା ଆଦି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବରିଷ୍ଠ ଶିକ୍ଷକ ଦୁଷ୍ମନ୍ତ ସାମଲ, ଭୋଳେଶ୍ୱର ପ୍ରଧାନ, ଗୋପରଞ୍ଜନ ପ୍ରଧାନ, ସୁସ୍ମିତା ତାଣ୍ଡି ଶ୍ରେଣୀ ପରିଚାଳନାରେ ସହଯୋଗ କରିଥିଲେ। ବୈଠକରେ କ୍ଲଷ୍ଟରର ୮ଜଣ ପ୍ରଧାନ ଶିକ୍ଷକ ଓ ୧୪ଜଣ ଏଫ୍‌ଏଲ୍‌ଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ଗଇଲୋ ଘାଟିରେ ଅଧିକ ସୁରକ୍ଷା ବାଡ଼ ନିର୍ମାଣ ଉପରେ ଆଲୋଚନା

**ଜିଲା ସଡ଼କ ସୁରକ୍ଷା କମିଟି ବୈଠକ**

■ ଜାତୀୟ ରାଜପଥରେ ୧୩ କି.ମି. ମଧ୍ୟରେ ୨ଟି ଟୋଲ ପ୍ଲାଜା ସ୍ଥାପନ ନେଇ ପ୍ରଶ୍ନ ଉଠାଇଲେ ବିଧାୟକ



ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଦେବଗଡ଼,୩୦।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ବିକାଶ ଭବନଠାରେ ବୁଧବାର ଜିଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ଆବାହକତ୍ୱ ଏବଂ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ରଙ୍କ ସମେତ ବହୁ ଅଧିକାରୀ ଯନ୍ତ୍ରୀ ଓ କମିଟି ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଡିଭାଇଡର କଟାଯାଇ ନିର୍ମିତ ହୋଇଥିବା ବେଆଇନ ମେଡିଆନ ସବୁ ବନ୍ଦ କରିବା, ବିଭିନ୍ନ ସ୍ଥାନରେ ରହିଥିବା ହମ୍ପଗୁଡିକର ମରାମତି, ଉଚ୍ଛେଦ ଓ ସଂଶୋଧନ ସମେତ ବାରକୋଟ ବ୍ଲକ କଣ୍ଢେଇ ଓ ଦେବଗଡ ପୌରାଞ୍ଚଳ ନିଳବେର୍ଣ୍ଣୀସାହି ବାଇପାସରେ ପ୍ରସ୍ତାବିତ ଓଭର ବ୍ରିଜ/ଅଣ୍ଡରପାସ ନିର୍ମାଣ, ନୂଆ ବାଲିରୋଇରେ ନୂତନ ଭାବେ ନିର୍ମିତ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ ନିମନ୍ତେ ଆନୁସଙ୍ଗି ବ୍ୟବସ୍ଥା, ନୂତନ ବସଷ୍ଟାଣ୍ଡରେ ଦୋକାନ ଗୃହ ନିର୍ମାଣ ନିମନ୍ତେ ପୌର ପରିଷଦକୁ ମାଗଣରେ ଜମି ପ୍ରଦାନ ସହିତ ପରିମଳ ବ୍ୟବସ୍ଥା ପାରିଚାଳନା ନିମନ୍ତେ ଦାୟିତ୍ୱ ଅର୍ପଣ ଓ କୈଳାଶ ଲଇମୁରା ରାସ୍ତାର ବିପଜ୍ଜନକ ଗଇଲୋ ଘାଟିରେ ଅଧିକ ସୁରକ୍ଷା ବାଡ ନିର୍ମାଣ ଉପରେ ଆଲୋଚନା କରାଯାଇଥିଲା। ସେହିପରି ବାରକୋଟ ବ୍ଲକ ବଲାଣୀ ଗ୍ରାମ ନିକଟସ୍ଥ ଜାତୀୟ ରାଜପଥରେ ନିର୍ମାଣାଧୀନ ଟୋଲ ପ୍ଲାଜା ପ୍ରସଙ୍ଗରେ ବିଧାୟକ ବିଶ୍ୱାଳ ପ୍ରଶ୍ନ ଉଠାଇବା ସହ ଅନ୍ୟୁନ ୬୦ କି.ମି. ଦୂରତ୍ୱ ମଧ୍ୟରେ ଏକାଧିକ ଟୋଲ ପ୍ଲାଜା ସ୍ଥାପନ କରାଯିବା ଆଇନତଃ ଅନୁଚିତ ବୋଲି ଦର୍ଶାଇବା ସହ ଏହାର ପୁନଃବିଚାର କରିବାକୁ ଭାରତୀୟ ରାଜପଥ ପ୍ରାଧିକରଣ ଯନ୍ତ୍ରୀ ଓ ଅଧିକାରୀମାନଙ୍କ ନିକଟରେ ଦାବି ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ବାରକୋଟ ବ୍ଲକ ବଡକୁଦର ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥ (ତିଳେଇବଣି–ବିଞ୍ଝବାହାଲ)ରେ ଏକ ଟୋଲ ପ୍ଲାଜା ରହିଥିବା ବେଳେ ମାତ୍ର ୧୩ କି.ମି. ଦୂରତ୍ୱରେ ବାରକୋଟ ବ୍ଲକର ବଲାଣୀ ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥ (ରଜାମୁଣ୍ଡା–ବାରକୋଟ)ରେ ଆଉ ଏକ ଟୋଲ ପ୍ଲାଜା ନିର୍ମାଣାଧୀନ ରହିଛି। ତେବେ ମାତ୍ର ୧୩ କି.ମି. ଦୂରତ୍ୱ ମଧ୍ୟରେ ଉପରୋକ୍ତ ଦୁଇଟି ଟୋଲ ପ୍ଲାଜାରେ ଲୋକଙ୍କୁ ଦେୟ ଦେବାକୁ ପଡୁଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଜିଲା ଅବକାରୀ ଅଧୀକ୍ଷିକା ବାସନ୍ତୀ ପ୍ରଭା ନାୟକ, ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀ ପଡାକ୍ତର ବଂଶୀଧର ପାତ୍ର, ଏମ୍ଭିଆଇ ଶ୍ରୀବତ୍ସ ଦଳେଇ, ପୂର୍ତ୍ତ ବିଭାଗ (ରାସ୍ତା ଓ ସୌଧ)ର ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ସୋରେନ ଓ ପ୍ରବୋଧ କୁମାର ସାହୁ, ଦେବଗଡ ଜାତୀୟ ରାଜପଥ ବିଭାଗର ସହକାରୀ ଯନ୍ତ୍ରୀ ରଞ୍ଜିତ କୁମାର ସାମଲ,ଏନଏଚଏଆଇର ସାଇଟ ଇଞ୍ଜିନିୟର ସଚିନ କୁମାର ସାହୁ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଣି ଶକୁନ୍ତଳା ଟେଟେ ଓ ଏନଏଚଆଇ, ସମ୍ବଲପୁର, ରାଉରକେଲା ଓ କେନ୍ଦୁଝରର ବହୁ ଯନ୍ତ୍ରୀଙ୍କ ସମେତ ଓ ଜିଲା ସଡକ ସୁରକ୍ଷା କମିଟି ବହୁ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

